## ମୟୂରଭଞ୍ଜ ମୌଳିକ ସମସ୍ୟା ନେଇ ରିଲ୍ସ ପ୍ରତିଯୋଗିତା

# କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କଲା ଭଞ୍ଜସେନା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ମୌଳିକ ସମସ୍ୟା ଯଥା ଚାଷ ଓ ଚାଷୀ ସମସ୍ୟା, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ଏବଂ ଶିକ୍ଷା ସମସ୍ୟା ଗୁଡ଼ିକୁ ନେଇ ଭଞ୍ଜସେନା ପକ୍ଷରୁ ହୋଇଥିବା ରିଲ୍ସ ପ୍ରତିଯୋଗିତାର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ମେ ମାସ ୧ତାରିଖ ଶୁକ୍ରବାର ବିଶ୍ୱ ଶ୍ରମିକ ଦିବସ ଅବସରରେ ବାରିପଦା ଦାରଗାଡେଇ ଗୋଲେଇ ସ୍ଥିତ ନର୍ମଦା ବିବାହ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବନିର୍ବାଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କର ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଯୋଗଦାନ କରି ସର୍ବପ୍ରଥମେ ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ଐତିହ୍ୟ ସ୍ଥଳୀ ଗୁଡ଼ିକୁ ନେଇ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଗୁଡିକର ଉଚିତ୍ ବ୍ୟବସାୟୀକରଣ ସହିତ କୁଟୀର ଶିଳ୍ପ ମାଧ୍ୟମରେ ବେକାରୀ ସମସ୍ୟାରେ ଜର୍ଜରିତ ମୟୂରଭଞ୍ଜ ଜିଲ୍ଲାର ବେରୋଜଗାର ମାନଙ୍କୁ ରୋଜଗାରକ୍ଷମ କରିବା ସହିତ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ବାବଦରେ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ।

ପରେ ମୁଖ୍ୟଅତିଥି, ସମ୍ମାନୀୟ ଅତିଥି ଏବଂ ବରିଷ୍ଠ ସଂଗଠନ କର୍ମକର୍ତ୍ତାଙ୍କ ଦ୍ୱାରା ରିଲ୍ସ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଥମ ୫ଟି ବିଜେତା ମାନେ ହେଲେ ମିଷ୍ଟର-ଏମ୍‌ବିଜେ-୨୦୨୪ ପ୍ରଥମସ୍ଥାନ ଅଧିକାର କରି ଟ.୧,୫୦,୦୦୦/-ଙ୍କା ପୁରସ୍କାର ରାଶି ଗ୍ରହଣ କରିଥିବାବେଳେ, ଦ୍ୱିତୀୟ ସ୍ଥାନ ଡବ୍ଲ୍ୟୁଏଚ୍-ପାର୍ଦ-ଅଫିସିଆଲ୍ ଅଧିକାର କରି ଟ.୧,୨୫,୦୦୦/-ଙ୍କା, ତୃତୀୟ ସ୍ଥାନ ଏମ୍‌ବିଜେ-ଷ୍ଟୁଡିଓ ଅଧିକାର କରି ଟ.୧,୦୦,୦୦୦/-ଙ୍କା, ଚତୁର୍ଥ ସ୍ଥାନ ମୟୂରଭଞ୍ଜ-ସୋନା-ସିଙ୍ଗ ଅଧିକାର କରି ଟ.୭୫,୦୦୦/-ଙ୍କା, ପଞ୍ଚମ ସ୍ଥାନ ସିନୁବିଟ୍ରିକ୍ସ ଅଧିକାର କରି ଟ.୫୦,୦୦୦/-ଙ୍କା ପାଇଥିବାବେଳେ ଏମାନଙ୍କ ସହିତ ଅନ୍ୟ ୧୦ଜଣଙ୍କୁ ଟ.୧୦,୦୦୦/- ଙ୍କା ଲେଖାଏଁ ସାନ୍ତ୍ୱନା ମୂଳକ ପୁରସ୍କାର ରାଶି ପ୍ରଦାନ କରିଥିଲେ।




ଏହି ସଭାରେ ପ୍ରଫେସର ରଞ୍ଜିତ ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଆଜି ସଂଗଠନ ତରଫରୁ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କର ନେତୃତ୍ୱରେ ବାରିପଦା ଅମ୍ବିକା ମନ୍ଦିର ସମ୍ମୁଖରୁ ଅପରାହ୍ନ ୫ ଘଟିକା ଠାରୁ ଏକ ବାଇକ୍ ରାଲି ବାହାରି ବଡ଼ବଜାର-କେସି ସର୍କଲ-ଟ୍ରାଫିକ ଛକ-ମୁଖ୍ୟ ମାର୍କେଟ-ବିଜୁ ପଟ୍ଟନାୟକ ଛକ-କଚେରୀ ସମ୍ମୁଖ-ଷ୍ଟିଲ ଗୋଲେଇ-ସତ୍ୟସାଇ ଛକ-ବାଘରାରୋଡ-ଦାରଗାଡେଇ ଗୋଲେଇ ଦେଇ ନିକଟସ୍ଥ ନର୍ମଦା ବିବାହ ମଣ୍ଡପରେ ପାଖରେ ପହଞ୍ଚିଥିଲା। ସଂଗଠନ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଆଜିର କାର୍ଯ୍ୟକ୍ରମରେ ସଂଗଠନ ପକ୍ଷରୁ ଅଧ୍ୟକ୍ଷ ସଂଜୀବ ରାଉତ, ସତ୍ୟସ୍ୱରୂପ ଦାଶ, କନିକା ବୋଷ, ଦକ୍ଷିଣା ମହାନ୍ତ, ପିଣ୍ଟୁ ମାଇତି, ବାଜୁନ ହାଁସଦାଃ, ରାକେଶ ବେହେରା, ସାମନ୍ତ ଶେଖର ପାଲ, ରାକେଶ ମହାନ୍ତି, ଜ୍ୟୋତିରଞ୍ଜନ ପୃଷ୍ଟି, ଏସ୍.କେ. ରାଜାଖାନ, ରବିନ୍ ମହାନ୍ତି, ଡଃ ପ୍ରିତମ ପଣ୍ଡା ଓ ସୁନ୍ଦର ମୋହନ ଟୁଡୁ ପ୍ରମୁଖଙ୍କ ସହିତ ରିଲ୍ସ କାର୍ଯ୍ୟକ୍ରମକୁ ସଫଳତାର ସହିତ ଶେଷ୍ କରିଥିବା ରିଲ୍ସ କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସଡ଼ର ଆନ୍ତର୍ଜାତୀୟ ୟୁବ-ଟ୍ୟୁବର ତଥା ବ୍ଲୋଗର ଲବ ହାଁସଦାଃ, ଅଭିନେତା ତାପସ ପାଢୀ, ସଂଜୀବ ରାଉତ, ରାକେଶ ବେହେରା, ବାଜୁନ ହାଁସଦାଃ, ଜ୍ୟୋତି ରଞ୍ଜନ ପୃଷ୍ଟି, ପଙ୍କଜ କରଣ, ମନୋଜ ପାତ୍ର, ସଞ୍ଜୟ ମହାର୍ଣ୍ଣା, ସଞ୍ଜୟ ମହାନ୍ତ, ଦୀପକ କୁମାର ବେହେରା, ଜିତୁ ସିଂ, ରୁଦ୍ର ପଟ୍ଟନାୟିକ, ରାକେଶ ଆଚାର୍ଯ୍ୟ, ପ୍ରଶାନ୍ତ ଦାସ, ଗୌରାଙ୍ଗ ଘଡେଇ, ପବିତ୍ର ମୋହନ ପାଢୀ, ମୁକ୍ତିକାନ୍ତ ପରିଡା, ପ୍ରଦୀପ ପଣ୍ଡା, ସମିତ ରାଉଳ, ସତ୍ୟ ପୃଷ୍ଟି, ଉମେଶ ପ୍ରଧାନ, ଏମ୍.ଡି ରାଜା, ପ୍ରକାଶ ଦାସ, ସମ୍ପଦ ପୃଷ୍ଟି, ଦୀପରାଜ ମହାନ୍ତ ଓ ବାପୁନ ଦାସ ପ୍ରମୁଖ ମଧ୍ୟ ସାମିଲ ଥିଲେ ବୋଲି ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

## ଜମି ବ୍ୟବସାୟୀ ସୁଧୀର ଅପହରଣ, ହତ୍ୟା ମାମଲା

# ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ କ୍ରାଇମ ସିନ ରିକ୍ରିଏସନ



ବ୍ରହ୍ମପୁର, (ସବ୍ୟୁ): ଜମି ବ୍ୟବସାୟୀ ସୁଧୀର କୁମାର ପାତ୍ର ଅପହରଣ ଓ ହତ୍ୟା ମାମଲାର ଗିରଫ ହୋଇ ମୁଖ୍ୟ ଷଡଯନ୍ତ୍ରକାରୀ ସମେତ ୯ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି । ସେମାନଙ୍କ ମଧ୍ୟରୁ ପୋଲିସ ପର୍ଯ୍ୟାୟ କ୍ରମେ ୭ଜଣଙ୍କୁ ଦୁଇଟି ପର୍ଯ୍ୟାୟରେ ରିମାଣ୍ଡରେ ଆଣି ବହୁତ ତଥ୍ୟ ଓଗାଳିଥିଲା । ଗିରଫ ୯ଜଣଙ୍କ ମଧ୍ୟରୁ ପୋଲିସ ସୁଭମ ନାୟକ ଓ ତାଙ୍କ ସହଯୋଗୀ ଶୁଭମ ଗୌଡ଼ଙ୍କୁ ଶନିବାର ଓ ରବିବାର ବ୍ରହ୍ମପୁର ସ୍ଥିତ ଜେଏମଏଫସି (ଗ୍ରାମୀଣ) କୋର୍ଟ ମାଜିଷ୍ଟ୍ରେଟ ରିତିକା ଜେନାଙ୍କ ଅନୁମତି ଅନୁଯାଇ ରିମାଣ୍ଡରେ ନେଇଛି । ପୋଲିସ ଦୁଇ ଦିନିଆ ରିମାଣ୍ଡରେ ନେଇ ପ୍ରଥମ ଦିନ ଶନିବାର ଅପରାହ୍ଣରେ ସୁଧୀର ଅପହରଣର କ୍ରାଇମ ସ୍ପଟରେ ପହଞ୍ଚିଥିଲା । ସେଠାରେ ସୁଭମ ତାଙ୍କ ବୋଲେରୋ ଗାଡି କେହୁଁଠାରେ ଲୁଚାଇ ରଖିଥିଲେ । ସେହି ଗାଡିରେ ତାଙ୍କ ସହ ଅନ୍ୟ କେହୁଁ କେଉଁମାନେ ଥିଲେ । ସୁଧୀରଙ୍କୁ ଅପହରଣ ବେଳେ ତାଙ୍କ ମୁଣ୍ଡରେ କିଏ କିଏ ବନ୍ଧୁକ ରଖିଥିଲେ । ସେଠାରୁ ସେମାନେ କେଉଁ ଦିଗରେ ନେଇ ପ୍ରଥମେ କେଉଁ ସ୍ପଟକୁ ଯାଇଥିଲେ ସେ ସବୁର ସିନ ରିକ୍ରିଏସନ ବେଳେ ଶୁଭମ ନାୟକ ପୋଲିସକୁ ଡେମୋ କରି ଦେଖାଇଥିଲା । ରବିବାର ମଧ ପୋଲିସ ଉଭୟ ଶୋଭମଙ୍କୁ ନେଇ ବିଭିନ୍ନ ସ୍ଥାନରେ ସିନ ରିକ୍ରିଏସନ କରିବ ବୋଲି ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡା ସୂଚନା ଦେଇଛନ୍ତି । ଆଜିର ଡେମୋ ପ୍ରଦର୍ଶନୀ ବେଳେ ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ଥାନାଧିକାରୀ ସତ୍ୟ ରଞ୍ଜନ ଲେଙ୍କା ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

ଘଟଣାରୁ ପ୍ରକାଶ ଯେ ଗତ ଏପ୍ରିଲ ୧୫ ତାରିଖରେ ସୁଧୀର ପାତ୍ର ଭାବିନାରାୟଣପୁର ଗ୍ରାମରେ ଭଲିବଲ ଖେଳି ସନ୍ଧ୍ୟାରେ ଘରକୁ ଫେରୁଥିଲେ । ତାଙ୍କୁ ମାଣ୍ଡିଆପଲି ସ୍ଥିତ ପ୍ରେମ ସଂସ୍ଥା ସମ୍ମୁଖ ରାସ୍ତାରୁ ଅପହରଣ କରାଯାଇଥିଲା । ଏନେଇ ତାଙ୍କ ସ୍ତ୍ରୀ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରେ ୨୧୩/୨୬ ରେ ଏକ ମାମଲା ରୁଜୁ କରିଥିଲା । ଗତ ଏପ୍ରିଲ ୨୨ ରେ ସୋରଡା ଥାନା ଅଞ୍ଚଳରୁ ଏକ ଗଳିତ ମୃତଦେହ ପୋଲିସ ପାଇଥିଲା । ପରେ ସୁଧୀରଙ୍କ ସମ୍ପର୍କୀୟ ପୋଲିସ ଉପସ୍ଥିତିରେ ମୃତଦେହ ଚିହ୍ନଟ କରିଥିଲେ ।

## ଆଇପିଏଲ ବେଟିଂ ମାମଲା, ୨ ଗିରଫ, ୨୦ ଲକ୍ଷ ଫ୍ରିଜ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରରେ ଚାଲିଥିବା ଅନଲାଇନ୍ କ୍ରିକେଟ୍ ବେଟିଂ ଓ ଗେମିଂ ରାକେଟରେ ସମ୍ପୃକ୍ତ ଆଉ ୨ ଜଣଙ୍କୁ ଗିରଫ କରାଯାଇଛି । ବୈଦ୍ୟନାଥପୁର ଥାନା ପୋଲିସ ଗୋସାଇଁ ନୂଆଗାଁ ନେହେରୁ ନଗର ୪ର୍ଥ ଲେନର ଶୁଭମ ପ୍ରଧାନ(୨୧) ନାମକ ଜଣେ ଯୁବକଙ୍କୁ ଗିରଫ କରିଥିବା ବେଳେ ଟାଉନ୍ ଥାନା ପୋଲିସ ଯାଜପୁର ଜିଲା ବଡ଼ଚଣାର ରାଜ କିଶୋର ସାମଲ ଓରଫ ରାଜୁ(୪୬)ଙ୍କୁ ଗିରଫ କରିଛି । ପୋଲିସ ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୨୦ ଲକ୍ଷ ଟଙ୍କା ଫ୍ରିଜ୍ କରିଦେଇଛି । ଘଟଣାରୁ ପ୍ରକାଶ ଯେ, ବ୍ରହ୍ମପୁରରେ ରହୁଥିବା ଅଭିଯୁକ୍ତ ଶୁଭମ କୋରାପୁଟ ଅଞ୍ଚଳର ଅସୀମ କୁମାର ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଏଜି-ନୂର-୩୩୩ ନାମକ ଏକ ଏକ ଗେମିଂ ଓ୍ୱେବସାଇଟ୍ର ଡିଷ୍ଟ୍ରିବ୍ୟୁଟରସିପ୍ ନେଇ ଆଇପିଏଲ ବେଟିଂ ରାକେଟ ଚଳାଇଥିଲେ । ଗତ ୩ ମାସ ଧରି ସେ ଏହି ନେଟଓ୍ୱାର୍କ ଚଳାଇବା ସହ ପ୍ରାୟ ୭୦ ଜଣ ସବ୍-ୟୁଜର ତିଆରି କରିଥିଲେ । ଆଇପିଏଲ୍ କ୍ରିକେଟ ମ୍ୟାଚ୍ ସମୟରେ ଅଧିକ ଲାଭର ପ୍ରଲୋଭନ ଦେଖାଇ ସେ ସାଧାରଣ ଲୋକଙ୍କୁ ଏହି ବେଟିଂ ଜାଲରେ ଫସାଉଥିଲେ । ଏହି ଖବର ମିଳିବା ପରେ ବୈଦ୍ୟନାଥପୁର ଥାନା ପୋଲିସ ଅଭିଯୁକ୍ତ ସୁଭମଙ୍କୁ କାବୁ କରିବାକୁ ଯୋଜନା ହୋଇଥିଲା । ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଖୋଡ଼ାସିଂ ଓଭରବ୍ରିଜ୍ ନିକଟରେ ଅଭିଯୁକ୍ତ ସୁଭମ ରାକେଟ ପରିଚାଳନା କରୁଥିବା ଖବର ମିଳିବା ପରେ ସେଠାରେ ଚଢଉ କରଯାଇଥିଲା । ପୋଲିସ ସୁଭମ ନିକଟରୁ ଏକ ଆଇ-ଫୋନ୍ ଓ ଗୋଟିଏ ମୋବାଇଲ ଓ ୨୪ଟି ଗୁରୁତ୍ୱପୂର୍ଣ୍ଣ ସ୍କ୍ରିନସଟ୍ ଜବତ କରିଛି । ସୁଭମଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୨୦ ଲକ୍ଷ ୨୩ ହଜାର ୩୮୮ ଟଙ୍କା ଫ୍ରିଜ୍ କରାଯାଇଛି । ସେଥିମଧ୍ୟରୁ ୭ ଲକ୍ଷ ୩୭ ହଜାର ୩୮ ଟଙ୍କା ସୁଭମଙ୍କ ନିଜର ହୋଇଥିବା ବେଳେ ୧୨ ଲକ୍ଷ ୮୬ ହଜାର ୩୫୦ ଟଙ୍କା ଅନ୍ୟ ସବ୍-ୟୁଜରଙ୍କର ବୋଲି ପୋଲିସ ତଦନ୍ତରୁ ଜଣାପଡିଛି । ସେହିପରି ଟାଉନ ଥାନା ପୋଲିସ ପୂର୍ବରୁ ଗିରଫ କରିଥିବା ଆଇପିଏଲ ବୁକିଂ ରୋହିତ ମାହାନ୍ତିର ନିୟମିତ ଯୋଗାଯୋଗରେ ରହି ଆଇପିଏଲ ବେଟିଂ ପରିଚାଳନା କରୁଥିବା ଯାଜପୁରର ରାଜକିଶୋରଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ନଗଦ ଟଙ୍କା ଓ ମୋବାଇଲ ଜବତ କରିଛି। ପ୍ରକାଶଥାଉକି, ଆଜକୁ ୩ ଦିନି ତଳେ ଟାଉନ ଥାନା ଓ ବଡବଜାର ଥାନା ପକ୍ଷରୁ ୨ ଜଣ ଆଇପିଏଲ ବୁକିଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରରେ ଥିବା ଲକ୍ଷାଧିକ ଟଙ୍କା ଫ୍ରିଜ କରିଥିଲା ।

## କନ୍ଧମାଳ ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ କଳା ବ୍ୟାଚ୍ ପରିଧାନ କରି ଧାରଣା

# ପେନସନ୍, ପ୍ରୋଟେକ୍ସନ ଓ ଆକ୍ରିଡେସନ୍ ଦାବି

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲା ସାମ୍ବାଦିକୟୁନିୟନ ପକ୍ଷରୁ ସାମ୍ବାଦିକ ମାନଙ୍କ ବହୁତ ଦିନର ଦାବି ଯଥା ପେନସନ୍, ପ୍ରୋଟେକ୍ସନ ଓ ଏକ୍ରେଡିସନ୍ ଦାବିରେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାର ସମସ୍ତ ସାମ୍ବାଦିକ ମାନେ ମିଳିତ ଭାବେ କଳା ବ୍ୟାଚ୍ ପରିଧାନ କରି ଧାରଣା ଦେଇଥିଲେ ।



ଓଡିଶା ସାମ୍ବାଦିକୟୁନିଅନ (ଓୟୁଜେ)ର ସଭାପତି ପ୍ରସନ୍ନ ମହାନ୍ତିଙ୍କ ଆହ୍ୱାନରେ କନ୍ଧମାଳ ଜିଲ୍ଲା ସାମ୍ବାଦିକୟୁନିୟନ (କେଡିୟୁଜେ) ପକ୍ଷରୁ ଶନିବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲା ସଭାପତି ସୁଜିତ କୁମାର ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ସଦସ୍ୟ ଅଶୋକ କୁମାର ମହାନ୍ତି, ପ୍ରତାପ କେଶର ବେହେରା, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ଫିଲି ମୋହନ ନାୟକ, ସୁବାଷ ପ୍ରଧାନ, ଶିବପ୍ରସାଦ ତ୍ରିପାଠୀ, ରଞ୍ଜନ କୁମାର ଦାସ, ହୁରଞ୍ଜନ ସେଠୀ, କାହ୍ନା ପଟ୍ଟନାୟକ ତଥା ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ସାମ୍ବାଦିକ ଯୋଗ ଦେଇଥିଲେ । ଶେଷରେ ସାମ୍ବାଦିକ ମାନଙ୍କର ଦୀର୍ଘ ଦିନର ପେନସନ୍, ପ୍ରୋଟେକ୍ସନ ଓ ଆକ୍ରେଡେସନ୍ ଆଦି ପ୍ରମୁଖ ଦାବି ସମେତ ଅନ୍ୟାନ୍ୟ ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦେଶ୍ୟରେ କନ୍ଧମାଳ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

ସାମ୍ବାଦିକ ମାନଙ୍କର ଏହି ଦୀର୍ଘଦିନର ଦାବି ରାଜ୍ୟ ସରକାର ପୁରଣ ନକରି କାଳକ୍ଷେପଣ ନିତି ଆପଣେଇ ଥିବା ଯୋଗୁଁ ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସରକାର ଏହି ଦାବି ପୂରଣ ନକଲେ ଆଗାମି ଦିନରେ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ବେହେରା କହିଛନ୍ତି ।

## ମାଟ୍ରିକ୍ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ଉଲ୍ଲେଖନୀୟ ପ୍ରଦର୍ଶନ

# ପାସ୍ ହାର-୯୭.୫୨%, ପାର୍ଥସାରଥୀ ମହାନ୍ତ ଜିଲ୍ଲା ଟପ୍ପର

ବାରିପଦା, (ସବ୍ୟୁ) : ଚଳିତବର୍ଷ ମେଟ୍ରିକ୍ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି ଚ ଏଥର ଜିଲ୍ଲାର ପାହ୍ ହାର ୯୭.୫୨ ପ୍ରତିଶତ । ଯାହାକି ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଢେର୍ ଭଲ ପ୍ରଦର୍ଶନ କରିଛି । ଚଳିତବର୍ଷ ୧୪୬ ଜଣ ଛାତ୍ରଛାତ୍ରୀ ମଧ ଏ ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପାର୍ଥସାରଥୀ ମହାନ୍ତ ( ସରସ୍ୱତ୍ରୀ ଶିଶୁ ବିଦ୍ୟା ମନ୍ଦିର, ବାରିପଦା) ୫୮୮ ମାର୍କ ରଖି ଜିଲ୍ଲା ଟaର ହୋଇଛନ୍ତି ।

ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତ%୦ାବଧାନ ରେ ମେଧାବୀ ମୟୂରଭଞ୍ଜ ଭଳି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ତରଫରୁ ହାତକୁ ନିଆଯାଇଥିଲା । ଏଥିରେ ପ୍ରତ୍ୟେକ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ପରୀକ୍ଷା ପାଇଁ ପ୍ରସ୍ତୁତି କରାଯାଉଥିଲା ।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ମାଗଣା କୋଚିଂ ବ୍ୟବସ୍ଥା କରାଯାଇଥିଲା । ପିଲାଙ୍କ ପାଠ ପଢାରେ ସହାୟକ ହେବା ପରି ବିଭିନ୍ନ ଇ-କଣ୍ଟେଣ୍ଟ ଯୋଗାଇ ଦିଆଯାଇଥିଲା । ଏହାଦ୍ୱାରା ପିଲାମାନେ ଭଲ ଭାବରେ ପରୀକ୍ଷା ପାଇଁ ପ୍ରସ୍ତୁତି ହୋଇପାରିଥିଲେ । ଯାହାଦ୍ୱାରା ସମଗ୍ର ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲା ପାସ୍ ହାରରେ ୧୦ ସ୍ଥାନରେ ରହିଛି । ସେହିପରି ଚଳିତ ବର୍ଷ ଜିଲ୍ଲାର ୨୮୪ଟି ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ରହିଛି ।

## ଠାକୁରାଣୀ ଯାତ୍ରାର ୪ର୍ଥ ଦିନ ନଗର ପରିକ୍ରମାରେ ବଢୁଛି ଜନ ଗହଳି

ଭଞ୍ଜନଗର, (ସବ୍ୟୁ): ଏଠାରେ ଚାଲିଥିବା ଐତିହାସିକ ଠାକୁରାଣୀ ଯାତ୍ରାର ଶନିବାର ମାଆଙ୍କ ୪ର୍ଥ ଦିନର ନଗର ପରିକ୍ରମା ସଂପନ୍ନ ହୋଇଛି । ସେପଟେ କାଳବୈଶାଖୀ ପ୍ରଭାବରୁ ପ୍ରବଳ ଝଡ଼ ବର୍ଷା ଯୋଗୁଁ ପ୍ରଥମ ଦିନର ସାଂସ୍କୃତିକ ସନ୍ଧ୍ୟା ଉଦଘାଟନୀ କାର୍ଯ୍ୟକ୍ରମ ଧୋଇ ହୋଇଯିବାରୁ ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିଥିଲା । ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସ୍ୱସ୍ତି ସିଦ୍ଧି ଭଜନ ମଣ୍ଡଳୀ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ପରେ ସହରର ଅନ୍ୟତମ ଅଗ୍ରଣୀ ନୃତ୍ୟାନୁଷ୍ଠାନ ନୃତ୍ୟାୟନ ସଙ୍ଗୀତ ପକ୍ଷରୁ ନୃତ୍ୟ ସଙ୍ଗୀତ ର କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁU କରି ବାନ୍ଧି ରଖିଥିଲା । ଶୁକ୍ରବାର ମାଆ ବ୍ୟାଘ୍ର ଦେବୀ ଓ ମାଆ ଠାକୁରାଣୀ ତୃତୀୟ ଦିନ ନଗର ପରିକ୍ରମା ପୁରୀର ହଲି ଡେ ରିସର୍ଟର ମୁଖ୍ୟ ରାଜ କିଶୋର ପାତ୍ର ଓ ତାଙ୍କ ସହଧର୍ମିଣୀ ପୁଷ୍ପା ପାତ୍ର ନେଇଥିଲେ । ସହରର ମୁଖ୍ୟ ରାସ୍ତା ରେ ଥିବା ରାଜ କିଶୋରଙ୍କ ଶଳା ବି ମହେଶ୍ୱର ପାତ୍ରଙ୍କ ବାସଭବନ ଆଗରେ ଦେବୀ ପୂଜା ଗ୍ରହଣ କରିଥିଲେ । ସେଠାରୁ ଦେବୀଙ୍କ ଭ୍ରମଣ ପଟୁଆର ଆଗକୁ ବଢିବା ସହ ମ୍ୟୁନିସିପାଲଟିର ପୁରୁଣା ପରିବା ମାର୍କେଟ ଗଳି ରେ ଯାଇଥିଲା । ପରେ ମେଦିରି, ସାନ ଧୋବା ସାହି ହୋଇ ଦେବୀଙ୍କ ଶୋଭାଯାତ୍ରା ପୁରୁଣା ବଜାର ସାହି, ବାଟା ଗଳି ଦେଇ ପୁରୁଣା ପୋଷ୍ଟ ଅଫିସ ସାହି ହୋଇ ଶିଗିଡି ସାହି ଦେଇ ମସଜିଦ ଛକକୁ ବାହାରି ସେଠାରୁ ମୁଖ୍ୟ ରାସ୍ତାକୁ ଆସି ରାତି ସାଢେ ୧୨ ଟା ସୁଦ୍ଧା ଗମ୍ଭୀରାରେ ପ୍ରବେଶ କରି ଭୋଗ ଗ୍ରହଣ ଓ ଆଳତୀ ଲାଗି ହେବା ପରେ ଦେବୀଙ୍କ ପହଡ ହେବା ସହ ଦ୍ୱାର ବନ୍ଦ ହୋଇଥିଲା ।

## ଓଡିଶା ଷ୍ଟେଟ୍ ତାଇକୋଣ୍ଡୋ ଚାମ୍ପିଅନସିପ୍ ଉଦ୍‌ଯାପିତ

କଟକ, (ସ୍ୱପ୍ର) : ଓଡ଼ିଶା ତାଏକ୍ୱାଣ୍ଡୋ ଷ୍ଟେଟ୍ ଚାମ୍ପିଅନସିପ ୨୦୨୬ ସ୍ଥାନୀୟ ଇନ୍ଦୋର ଷ୍ଟାଡିୟମ ଠାରେ ଉଦଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତା ଏପ୍ରିଲ ୨୮ ରୁ ୩୦ ତାରିଖରେ ପର୍ଯ୍ୟନ୍ତ ଖେଳ ଅନୁଷ୍ଠିତ ହୋଇଥିଲା ।

ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ୬୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ସବ୍ ଜୁନିୟର ବିଭାଗରେ ୨୦୦, ଜୁନିୟର ବିଭାଗରେ ୨୫୦, ସିନିୟର୍ ବିଭାଗରେ ୧୦୦, କ୍ୟୋରୁଗୀ (୮ବର୍ଷରୁ ୧୦) ମଧ୍ୟରେ ୧୦୦ ପିଲା ଭାଗ ନେଇଥିଲେ । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନର ସମ୍ପାଦକ ଅଭିଜିତ ପାଲ୍, ଓଡ଼ିଶା ତାଇକ୍ୱାଣ୍ଡୋ ଚେୟାର ପର୍ସନ ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ରାଇଫଲ ଆସୋସିଏସନର ସଭାପତି ଡ.ଗୌରୀ ମହାନ୍ତି, ଓଡ଼ିଶା ତାଇକ୍ୱାଣ୍ଡୋ ଆଡଭାଇଜର ରଞ୍ଜିତା ସ୍ୱାଇଁ, ଓଡିଶା ତାଇକ୍ୱାଣ୍ଡୋ ସଭାପତି ଚିନ୍ମୟ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଆଜିର ଉଦଯାପନି ଉତ୍ସବରେ ମୂଖ୍ୟ ଅତିଥି ଓଡ଼ିଶା ତାଇକ୍ୱାଣ୍ଡୋ ଉପ ସଭାପତି ଓଡ଼ିଶା ଅଲମ୍ପିକ୍ସ ସଦସ୍ୟ ପ୍ରସନ୍ନ କୁମାର ରାଉତ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ପ୍ରତିଯୋଗୀତାରେ ମୁଖ୍ୟ ରେଫ୍ରି ଭାବେ ଆର୍ନ୍ତଜାତୀୟ ରେଫ୍ରି ଗୌରବ ସିଂ, ସ୍ୱଦେଶ ରଞ୍ଜନ ରାଉତ, ଜାତୀୟ ରେଫ୍ରି ଦିଲ୍ଲୀପ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ । ସ୍ୱର୍ଣ୍ଣ ପଦକ ହାସଲ କରିଥିବା କ୍ରୀଡାବିତ ମାନେ ଆଗକୁ ହେବାକୁ ଥିବା ଜାତୀୟ ତାଇକ୍ୱାଣ୍ଡୋ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ ବୋଲି ସମ୍ପାଦକ ଶ୍ରୀ ବେହେରା ସୂଚନା ଦେଇଥିଲେ । ଆଜିର ଉଦଯାପନ ଖେଳରେ ବିଜେତା ଭାବେ ଗଞ୍ଜାମ ଜିଲ୍ଲା ହୋଇଥିଲା ବେଳେ ରନର୍ସ ଅପ୍ ଭାବେ କଟକ ଜିଲ୍ଲା ଘୋଷିତ ହୋଇଥିଲା ।

## ଗଞ୍ଜାମ ଜିଲ୍ଲା ମାଟ୍ରିକ ପରୀକ୍ଷାରେ ପାସହାର ୯୮.୨୫ ଶତକଡ଼ା

ବ୍ରହ୍ମପୁର, (ସବ୍ୟୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ଶନିବାର ଅପରାହ@ ୪ଟାରେ ବୋର୍ଡ ପକ୍ଷରୁ ଫଳ ଘୋଷଣା କରାଯିବା ପରେ ଛାତ୍ର ଛାତ୍ରୀଙ୍କ ସଫଳତା ଉପରେ ସମସ୍ତଙ୍କ ନଜର ରହିଥିଲା । ଚଳିତବର୍ଷ ମାଟ୍ରିକ ବାର୍ଷିକ ପରିକ୍ଷା ଫେବୃଆରୀ ୧୯ ତାରିଖ ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ପରୀକ୍ଷା ହୋଇଥିଲା । ଗଞ୍ଜାମ ଜିଲ୍ଲାରେ ୬୩୮ ସ୍କୁଲ ୪୪ ହଜାର ୨ ଶହ ୬ ଜଣ ଫର୍ମ ପୂରଣ କରି ଥିଲେ । ୫୨୨ ଜଣ ପରିକ୍ଷା ଦେଇ ନଥିଲେ । ମୋଟ ୪୨ ହଜାର ୯ ଶହ ୧୮ ଜଣ ମୋଟ ୪୨ ହଜାର ୯ ଶହ ୧୮ ଜଣ ପାସ ହାର ୯୮.୨୫ ଶତ କଡ଼ା ରହିଛି । ମୋଟ ୪୨ ହଜାର ୯ ଶହ ୧୮ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଏ -୧ ରେ ୩୦୪ ଜଣ, ଏ -୨ ରେ ୧୪୮୦, ବି-୧ରେ ୩୭୦୪, ବି-୨ରେ ୭୪୪୩, ସି ରେ ୧୧୨୦୧, ଡିରେ ୧୨୧୧୮ ଓ ଇ ୬୬୬୮ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୭ ଶହ ୬୬ ଜଣ ପରିକ୍ଷାର୍ଥୀ ଫେଲ ହୋଇ ଥିବା ଜଣାପଡିଛି । ବାଳକ ୨୧ ହଜାର ୬ ଶହ ୧୧ ଓ ବାଳିକା ୨୧ ହଜାର ୩ ଶହ ୭ ଜଣ ମୋଟ ୪୨ ହଜାର ୯ ଶହ ୧୮ ଜଣ ରହି ଥିବା ଜଣାପଡିଛି ।

## ୧୦ମ ଶ୍ରେଣୀ ବୋର୍ଡ଼ ପରୀକ୍ଷା

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଏ-୧ ରେ ପ୍ରଥମ



ବ୍ରହ୍ମପୁର, (ସବ୍ୟୁ): ଚଳିତବର୍ଷ ଦଶମ ଶ୍ରେଣୀ ବୋର୍ଡପରୀକ୍ଷା ଫଳାଫଳରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଗତ ୩୩ ବର୍ଷ ଧରି ୧୦୦% ଫଳାଫଳ ରଖି ଆସୁଥିବା ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ବର୍ଷ ମଧ ୧୦୦% ରଖି ରାଜ୍ୟରେ ସୁନାମ ଅର୍ଜନ କରିଛନ୍ତି। ଚଳିତ ବର୍ଷ ମୋଟ ୩୪୧ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେଇଥିଲେ। ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏ୧ ଗ୍ରେଡ୍ ଅର୍ଥାତ୍ ୯୦% ରୁ ଉଦ୍ଧ୍ୱର୍ରେ ୯୮ ଜଣ, ଏ-୨ ଗ୍ରେଡ୍ ଅର୍ଥାତ୍ ୮୦%ରୁ ଉଦ୍ଧ୍ୱର୍ରେ ୧୬୧ଜଣ, ବି-୧ ଗ୍ରେଡ୍ ଅର୍ଥାତ୍ ୭୦%ରୁ ଉଦ୍ଧ୍ୱର୍ରେ ୫୬ ଜଣ, ବି-୨ ଗ୍ରେଡ୍ ଅର୍ଥାତ୍ ୬୦%ରୁ ଉଦ୍ଧ୍ୱର୍ରେ ୨୨ଜଣ ଏବଂ ସି-ଗ୍ରେଡ୍ ଅର୍ଥାତ୍ ୫୦%ରୁ ଉଦ୍ଧ୍ୱର୍ରେ ୩ ଜଣ ଓ ଡି-୧ ଗ୍ରେଡ୍‌ରେ ଜଣେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟରେ ରେକର୍ଡ ସୃଷ୍ଟି କରିଛନ୍ତି।

ସୁମିତ କୁମାର ଦାଶ ଓ ଅଙ୍କିତା ସାହୁ ମୋଟ ୫୮୨ ମାର୍କ (୯୭%) ରଖି ପ୍ରଥମ ସ୍ଥାନରେ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଏ. ଅଶୁତୋଷ ସରାବ, ଅର୍ଚ୍ଚିତା ଆଚାର୍ଯ୍ୟ, ଶ୍ରୀୟା ଜ୍ୟୋତିର୍ମୟୀ ପାଢ଼ୀ ୫୮୦ ମାର୍କ (୯୬.୬୬%), ତୃତୀୟ ସ୍ଥାନରେ ପ୍ରିୟଦର୍ଶିନୀ ଗୌଡ଼ ୫୭୬ ମାର୍କ (୯୬%), ଚତୁର୍ଥ ସ୍ଥାନରେ ସ୍ମୃତି ରଂଜନ ତ୍ରିପାଠୀ ୫୭୩ ମାର୍କ (୯୫.୫%), ପଞ୍ଚମ ସ୍ଥାନରେ ସୌରଭ ଗୌଡ଼ ୫୭୦ ମାର୍କ (୯୫%), ଷଷ୍ଠ ସ୍ଥାନରେ ଆଦ୍ୟାଶା ଦାସ ୫୬୮ ମାର୍କ (୯୪.୬୬%), ସପ୍ତମ ସ୍ଥାନରେ ଅଭିଲାଷ ପାତ୍ର, ଶୁଭଶ୍ରୀ ନାହକ ୫୬୭ ମାର୍କ (୯୪.୫%), ଅଷ୍ଟମ ସ୍ଥାନରେ ଆଦ୍ୟାଶା ନାହାକ ୫୬୫ ମାର୍କ (୯୪.୧୬%), ନବମ ସ୍ଥାନରେ ଶ୍ରେୟାଶ୍ରୀ ସାହୁ ୫୬୪ ମାର୍କ (୯୪%), ଦଶମ ସ୍ଥାନରେ ଅଭିଷେକ ପଟ୍ଟନାୟକ ୫୬୩ ମାର୍କ (୯୩.୮୩%) ରଖିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ଶ୍ରୀ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ, ବାସନ୍ତି ବେହେରା, ଉପଦେଷ୍ଟା ନରସିଂହ ଚୌଧୁରୀ, ଧର୍ମରାଜ ସାହୁ, ମମତା ପାଣିଗ୍ରାହୀ, ଡ. ହରିକୃଷ୍ଣ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରିକୃଷ୍ଣ ପାଢ଼ୀ, ସୁଦର୍ଶନ ପାଢ଼ୀ ତଥା ନିମନ୍ତ୍ରିତ ସଦସ୍ୟ ରାଜେନ୍ଦ୍ର ଡାକୁଆ ଓ କେ. ଭେଙ୍କଟ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ, ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଶ୍ରୀ ଉମାଧବ ମହାନ୍ତି ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସମସ୍ତ କୃତି ଶିଶୁ ଭାଇ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ସଫଳତାର ଚର୍ଚ୍ଚିତ ନାମ ପିସିସି ଗ୍ରୁପ୍ ଏବଂ ସାଇ ବିଦ୍ୟାମନ୍ଦିର

ବାରିପଦା, (ସବ୍ୟୁ) : ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଆନୁକୂଲ୍ୟରେ ୨୦୨୫-୨୬ ଶିକ୍ଷା ବର୍ଷର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଫଳ ପ୍ରକାଶିତ ହୋଇଛି । ଏଥିରେ ମୟୂରଭଞ୍ଜର ମୌଳିକ ଓ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିବା ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟା ମନ୍ଦିରର ଛାତ୍ର ଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲକରି ଜିଲ୍ଲା ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର ଅମ୍ଳାନ ପରିଚୟ ସୃଷ୍ଟି କରିଛନ୍ତି । ମୋଟ ୧୩୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସତ୍ୟ ରଞ୍ଜନ ସାହୁ ସର୍ବାଧିକ ୫୮୦ ନମ୍ବର ରଖି ଅନୁଷ୍ଠାନ ପାଇଁ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେହିପରି ସାଇଜିତ ମହାନ୍ତି ୫୭୬, ସତ୍ୟଜିତ ବେହେରା ୫୭୫, ଗିରିଜା ଶଙ୍କର ଧଳ ୫୭୦, ଓମ ପ୍ରକାଶ ନାୟକ ୫୭୦ ଏବଂ ହିତାଂଶୁ ସାହୁ ୫୬୯ ନମ୍ବର ରଖି ଅନୁଷ୍ଠାନର ଗର୍ବ ଓ ଗୌରବକୁ ଅକ୍ଷୁଣ୍ଣ ରଖିଛନ୍ତି । ଏମାନଙ୍କ ବ୍ୟତୀତ ୫୪୦ ରୁ ୫୬୮ ମଧ୍ୟରେ ୪୩ଜଣ ଅପୂର୍ବ ସଫଳତା ହାସଲ କରିଛନ୍ତି । ୯୦ % ରୁ ଅଧିକ ୪୯ଜଣ, ୮୦ % ରୁ ଅଧିକ ୫୬ଜଣ ୭୦% ରୁ ଅଧିକ ୨୧ଜଣ, ୬୦% ରୁ ଅଧିକ ୮ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସମଗ୍ର ଜିଲ୍ଲାରେ ୯୦%ରୁ ଅଧିକ ୧୪୬ଜଣ ଛାତ୍ରଛାତ୍ରୀ ଥିବାବେଳେ କେବଳ ସାଇ ବିଦ୍ୟା ମନ୍ଦିରରୁ ୪୯ ଜଣ ଛାତ୍ରଛାତ୍ରୀ ୯୦% ରୁ ଅଧିକ ମାର୍କ ରଖିଛନ୍ତି ।



ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ, ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ଶିକ୍ଷା ବିଭାଗୀୟ ମୁଖ୍ୟ ବିଶ୍ୱେନ୍ଦୁ ଦାସ, ପ୍ରଧାନ ଶିକ୍ଷକ ରାଜୀବ ଗାନ୍ଧୀ, ସି.ଇ.ଓ ଚିତ୍ତରଞ୍ଜନ ରାଉତ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଦ୍ୱାରା ଅଭ୍ୟର୍ଥନା ପୂର୍ବକ ସେମାନଙ୍କ ଆଦର୍ଶ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଆଜିର ଏହି ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମକର୍ତ୍ତା ମାନଙ୍କୁ ହୃଦୟରୁ ସାଧୁବାଦ ଜଣାଇଛନ୍ତି । ଏଥିସହିତ ଅନୁଷ୍ଠାନ ପ୍ରତି ଭରସା, ବିଶ୍ୱାସ ଓ ଆସ୍ଥା ପ୍ରକଟ କରିଆସୁଥିବା ଅଭିଭାବକ ମାନଙ୍କୁ ହୃଦୟରୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଭଞ୍ଜ ମାଟି ମା'ର ପୁଣ୍ୟକୋଳରେ ଆଜକୁ ୧୮ ବର୍ଷ ତଳେ ଜନ୍ମ ନେଇଥିବା ଏଇ ଛୋଟ ଦ୍ରୁମଟି ଆଜି ଅଖଣ୍ଡ ଜ୍ଞାନର କାନନ କେଦାରରେ ପରିପୂର୍ଣ୍ଣ । ଓଡିଆ ମାଧ୍ୟମ ପ୍ରଥମରୁ ଦ୍ୱାଦଶ, ଇଂରାଜୀ ମାଧ୍ୟମ ନର୍ସରୀ ରୁ ଦ୍ୱାଦଶ, କ୍ରାସ୍ କୋର୍ସ ଯଥା ନିଟ୍, ଓ.ୟୁ.ଏ.ଟି, ଜେଇ ମେନ, ନାଇଜର, ଆଇଜର୍ ଆଦି ଗୁଣାତ୍ମକ ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶରେ ସମୃଦ୍ଧ ସାଇ ବିଦ୍ୟା ମନ୍ଦିର । ଇଚ୍ଛକୋଟୀର, ଦକ୍ଷ ତଥା ଅଭିଜ୍ଞ ଶିକ୍ଷକ, ଶିକ୍ଷିକା, ଅଧ୍ୟାପକ, ଅଧ୍ୟାପିକାଙ୍କ ଦିବାରାତ୍ର ଶିକ୍ଷାଦାନ ଛାତ୍ର ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ନିର୍ମାଣରେ ସହାୟକ ହୋଇ ଆସୁଅଛି । ସାପ୍ତାହିକ, ମାସିକ,ଏବଂ ଭିଏସ୍‌ଟି ପରୀକ୍ଷା ଦ୍ୱାରା ସେମାନଙ୍କ ମାନସିକ ଦକ୍ଷତାରେ ଅଭିବୃଦ୍ଧି ତତସହିତ ନିର୍ଦ୍ଦେଶକ ମହୋଦୟଙ୍କ ତତ୍ତ୍ୱାବଧାନ ଓ କର୍ମ ଚଞ୍ଚଳ ମନୋଯୋଗ ଦ୍ୱାରା ଏହି ସଫଳତାର ରଥ ଆଗକୁ ବଢି ଚାଲିଛି ବୀରଦର୍ପରେ । ତ୍ୟାଗ, ତିତିକ୍ଷା, କର୍ତ୍ତବ୍ୟ ପରାୟଣତା, ପରୋପକାର ଓ ଛାତ୍ର ବତ୍ସଳତା ଭଳି ଜ୍ଞାନ ସୁମନ ସଦା ପ୍ରସ୍ଫୁଟିତ ସାଇ ବିଦ୍ୟା ମନ୍ଦିର ଜ୍ଞାନ ଅଗଣାରେ । ଅଭିଭାବକ ମାନଙ୍କ ହୃଦୟ ତଥା ମାନସ ପଟ୍ଟରେ ବିରାଜିତ ଏହାର ଉନ୍ନତ ମାନର ଶିକ୍ଷା ଶୈଳୀ ।

ଏମାଟିର ପରମ୍ପରା, ସଂସ୍କୃତି, ଭୌଗଳିକ ଚିତ୍ର ଓ ଐତିହାସିକ ଭିତ୍ତିଭୂମିକୁ ପାଥେୟ କରି ସାଇ ବିଦ୍ୟା ମନ୍ଦିରର ହସର ସୁରୁଜ ସଫଳତାର ମୁରୁଜ ବୁଣିଦେଉ ଅଗଣିତ ଛାତ୍ରଛାତ୍ରୀଙ୍କ ହୃଦୟ କାନନରେ । ଗୁଣର ଗାରିମାରେ ପୂର୍ଣ୍ଣ ହେଉ ଭଞ୍ଜଭୂମି । ଏହାହିଁ ଈଶ୍ୱରଙ୍କଠାରେ କାମନା ।

## ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ

# ୧୫ ହଜାର ୪୦୪ ପାସ, ପାସହାର ୯୪.୫୩%

## ଛାତ୍ରୀଙ୍କୁ ପଛରେ ପକାଇଲେ ଛାତ୍ର

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ଚଳିତ ବର୍ଷ ୯୫ଟି ପରୀକ୍ଷା କେନ୍ଦ୍ରରେ ଜିଲ୍ଲାର ମୋଟ ୧୬ ହଜାର ୨୯୬ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫ ହଜାର ୪୦୪ ଜଣପାସ କରିଥିବା ବେଳେ ଜିଲ୍ଲାରେ ପାସ ପ୍ରତିଶତ ୯୪.୫୩ ପ୍ରତିଶତ ହୋଇଛି । ଜିଲ୍ଲାରେ ଏ୧ରେ ୭୭ ଜଣ ପାସ କରିଥିବାର ଜଣାପଡିଛି ।

ଢେଙ୍କାନାଳ ଜିଲ୍ଲାର ୯୫ଟି ପରୀକ୍ଷା କେନ୍ଦ୍ରରେ ୨୬୯ଟି ବିଦ୍ୟାଳୟର ୧୬ ହଜାର ୨୯୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।ସେମାନଙ୍କ ମଧ୍ୟରୁ ୨୪୬ଜଣ ଅନୁପସ୍ଥିତ ରହିଥିଲେ । ମୋଟ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୧୫ ହଜାର ୪୦୪ଜଣ ପାସ କରିଥିବା ବେଳେ ୭ ହଜାର ୯୮୩ଜଣ ପୁଅ ଓ ୭ ହଜାର ୪୨୧ଜଣ ଛାତ୍ରୀ ପାସ କରିଥିବାର ଜଣାପଡିଛି । ପାସ ହାର ୯୪.୫୩ ରହିଛି । ଚଳିତ ବର୍ଷ ଏ-୧ରେ୭୭ଜଣ,ଏ-୨ରେ ୪୮୪ଜଣ, ବି-୧ରେ୧ହଜାର ୩୦୩ ଜଣ, ବି-୨ରେ ୨ ହଜାର ୭୪୩ ଜଣ, ସି ଗ୍ରେଡରେ୩ ହଜାର ୯୦୯ ଜଣ ଡିଗ୍ରେଡରେ ୪ ହଜାର ୧୮୩ଜଣ,ଇ ଗ୍ରେଡରେ ୨ ହଜାର ୭୦୫ଜଣ, ଏବଂ ଏଫ ଗ୍ରେଡରେ୮୯୨ ଜଣ ପାସ କରିଥିବାର ଜଣାପଡିଛି ।

ଚଳିତ ବର୍ଷ ଜିଲ୍ଲାରେ ମୋଟ ୨୬୯ଟି ବିଦ୍ୟାଳୟ ଓ ୯୫ଟି ପରୀକ୍ଷା କେନ୍ଦ୍ରରେ ୧୬ହଜାର ୭୭୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ନାମ ପଞ୍ଜିକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୬ ହଜାର ୩୪୫ ଜଣ ପରୀକ୍ଷା ଦେଇଥିବା ବେଳେ ୨୬୯ଜଣ ଅନୁପସ୍ଥିତ ରହିଥିଲେ ।

ମୋଟ ୯୫ଟି ପରୀକ୍ଷାକେନ୍ଦ୍ର ମଧ୍ୟରୁ ଢେଙ୍କାନାଳ ସଦର ବ୍ଲକରେ ୧୬ଟି କେନ୍ଦ୍ର ରହିଥିବା ବେଳେ ,ଭୁବନ ବ୍ଲକରେ ୧୧ଟି କେନ୍ଦ୍ର ,ଗଁଦିଆ ବ୍ଲକରେ ୧୨ଟି ,ହିନ୍ଦୋଳ ବ୍ଲକରେ ୧୨ଟି,କାମାକ୍ଷାନଗର ବ୍ଲକରେ ୧୨ଟି ,କଙ୍କଡାହାଡ ବ୍ଲକରେ ୯ଟି କେନ୍ଦ୍ର ,ଓଡାପଡା ବ୍ଲକରେ ୧୩ଟି କେନ୍ଦ୍ର ,ପରଜଙ୍ଗ ବ୍ଲକରେ ୧୦ଟି କେନ୍ଦ୍ର କରାଯାଇଥିଲା । ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଏ-୧ରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ରହିଛି । କିନ୍ତୁ ରାଜ୍ୟରେ ଢେଙ୍କାନାଳ ଜିଲ୍ଲା ୨୯ତମ ସ୍ଥାନରେ ରହିଥିବାର ଜଣାପଡିଛି ।

# ସନ୍ଥକବି ଭୀମ ଭୋଇଙ୍କ ୧୮୦ତମ ଜୟନ୍ତୀ ସମାରୋହ



ଅନୁଗୋଳ,(ସବ୍ୟୁ) :ଗତକାଲି ପବିତ୍ର ବୈଶାଖ ପୂର୍ଣ୍ଣିମୀ ତିଥିରେ ମହିମା ଧର୍ମର ପ୍ରଚାରକ, ମହାନ ସମାଜ ସଂସ୍କାରକ ସନ୍ଥକବି ଭୀମ ଭୋଇଙ୍କ ୧୮୦ତମ ଜୟନ୍ତୀ ସମାରୋହ ଅଙ୍ଗାରବନ୍ଧ ମହିମା ଧାମ ପ୍ରାଙ୍ଗଣରେ ମହିମା ସେବା ସଂଗଠନ ପକ୍ଷରୁ ସଂଗଠନର ସଭାପତି ତଥା ସ୍ଥାନୀୟ ସରପଞ୍ଚ ସୁଜାତା ସାହୁଙ୍କ ଅଧ୍ୟକ୍ଷତାରେ ପାଳନ ହୋଇଯାଇଛି । ଉକ୍ତ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଭୀମଭୋଇଙ୍କ ଦ୍ୱାରା ମହିମା ଧର୍ମର ପ୍ରଚାର ଓ ପ୍ରସାର ପାଇଁ ମହିମା ଗୋସେଇଁ ଦେଇଥିବା ଦାୟିତ୍ୱ କୁ ସଠିକ ଭାବେ ତୁଲାଇ ବିଭିନ୍ନ ଭଜନ ଓ କାବ୍ୟ ଜରିଆରେ ଜଗତ ଭକ୍ତଙ୍କ ପାଖରେ ପହଞ୍ଚାଇ ପାରିଥିଲେ । ତାଙ୍କର ସେହି ସାହିତ୍ୟ ଆଜି ତାଙ୍କୁ ଅମର କରି ରଖିବା ସହ ଓଡିଆ ସାହିତ୍ୟକୁ ସମୃଦ୍ଧ କରିଛି । ଆଜିର ଜୟନ୍ତୀ ପାଳନ ଯଥାର୍ଥରେ ତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଆଣିଦେଇଛି ।

ଜୟନ୍ତୀ ସମାରୋହରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚକ ତଥା ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ପଣ୍ଡିତ ମହେଶ ସାହୁ ଯୋଗଦେଇ ମହିମା ଧର୍ମ ଓ ସନ୍ଥକବି ଭୀମଭୋଇଙ୍କ ସାହିତ୍ୟ କୃତିକୁ ନେଇ ଏକ ମନମୁଗ୍ଧକର ଭାବଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ବକ୍ତା ଭାବେ ମହିମା ଧର୍ମର ଭକ୍ତ ସର୍ଜନ କୁମାର ବେହେରା ମହିମା ଧର୍ମର ଇତିବୃତ୍ତି ଆଲୋଚନା କରିବା ସହ ଭୀମଭୋଇଙ୍କ ଜୀବନୀ ଓ ତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଉକ୍ତ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସମିତିସଭ୍ୟା ସୁଜାତା ସ୍ୱାଇଁ, ମହିମା ଧାମ ପରିଚାଳନା କମିଟିର ସଭାପତି ଲୋକନାଥ ସାହୁ, ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ରଞ୍ଜନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ ।

ପ୍ରଥମେ ଧାମ ପରିଚାଳକ ତ୍ୟାଗୀ ପ୍ରତାପ ଦାସ ପୂଜାର୍ଚ୍ଚନା କରିଥିଲେ ଓ ବରିଷ୍ଠ ସନ୍ୟାସୀ ଶ୍ରୀମଦ ତ୍ରିନାଥ ଦାସ ଓ କୁଲାଡ ଧାମର ପରିଚାଳକ ବାବା ରବି ଦାସ ସହଯୋଗ କରିଥିଲେ । ଅଙ୍ଗାରବନ୍ଧ ମହିମା ଧାମରେ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରଦତ୍ତ ଚାଳିଶ ଲକ୍ଷ ଅଠସ୍ତୋରୀ ହଜାର ଟଙ୍କା ବ୍ୟୟରେ ନୂତନ ଗୋଷ୍ଠୀ ଭୀକ୍ଷ । କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ବିଧାୟକଙ୍କ ଦାରା ସମ୍ପାଦିତ ହୋଇଥିଲା । ଅଲେଖ ମହିମା ଭଜନ ସମାରୋହ ଦ୍ୱାରା ଭୀମଭୋଇଙ୍କ କୃତ ଭଜନ ଗାନ ପ୍ରାରମ୍ଭିକ ସଙ୍ଗୀତ କ୍ରମେ ଗାନ କରିଥିଲେ ।

ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ସଂଗଠନ ସଂପାଦକ ବିଜ୍ଞାନୀ ବେହେରା ମଞ୍ଚ ପରିଚାଳନା କରିବା ସହ ଅଙ୍ଗାରବନ୍ଧ ମହିମା ଧାମରେ ଗତ ୨୦୦୬ ମସିହାରୁ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଧାମ ପରିଚାଳନା କମିଟିର ପୂର୍ଣ୍ଣ ସହଯୋଗରେ ପାଳନ ହୋଇ ଆସୁଥିଲା ଓ ଅଙ୍ଗାରବନ୍ଧ ଗ୍ରାମବାସୀଙ୍କ ଆଗ୍ରହକୁ ମଧ କେହି ଅସ୍ୱୀକାର କରିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିରଞ୍ଚି ସାହୁ, ଶିବ ସାହୁ, ଅକ୍ରୁର ଦାସ, କରୁଣାକର ସାହୁ, ଗଣେଶ୍ୱର ସାହୁ, ନୟନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ମାନବିକତାର ପରିଚୟ ଦେଖାଇଲେ ଅତିରିକ୍ତ ତହସିଲଦାର

ପାଲଲହଡା, (ସବ୍ୟୁ) : ଗତ ୩୦.୦୪.୨୦୨୬ ରାତି ପ୍ରାୟ ୯:୪୫ ସମୟରେ ଖମାର ଚନ୍ଦନଯାତ୍ରା ସମାପ୍ତିପରେ ସରକାରୀ କାର୍ଯ୍ୟରୁ ଫେରୁଥିବା ସମୟରେ ପାଲଲହଡାରେ ଅବସ୍ଥାପିତ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ଦୁଇଜଣ ଦମ୍ପତିଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ସେମାନଙ୍କୁ ନିଶ୍ଚିତ ମୃତ୍ୟୁ ମୁଖରୁ ରକ୍ଷା କରି ଯେଉଁ ମାନବିକତାର ପରିଚୟ ଦେଖାଇଛନ୍ତି ତାହା ଏବେ ସମଗ୍ର ପାଲଲହଡା ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ଗୁରୁବାର ରାତି ପ୍ରାୟ ୯.୪୫ମିନିଟ ସମୟରେ ସରକାରୀ କାର୍ଯ୍ୟକ୍ରମରୁ ଫେରୁଥିବା ସମୟରେ ୧୪୯ନମ୍ବର ଜାତୀୟ ରାଜପଥ ଉପରେ ବାରକୋଟିଆଠାରେ ଆମକୁ ବଞ୍ଚାଅ, ଆମକୁ ବଞ୍ଚାଅର ଏକ ଆର୍ତ୍ତ ଚିତ୍କାର ଶୁଣି ସହସା ନିଜ ସରକାରୀ ଗାଡିଟିକୁ ଅଟକାଇ ଦୁଇଜଣ ଦମ୍ପତିଙ୍କୁ ମୁମୂର୍ଷୁ ଅବସ୍ଥାରେ ଦେଖିବାକୁ ପାଇଥିଲେ । ଉକ୍ତ ଦମ୍ପତି ଦ୍ୱୟ ଅନୁଗୁଳ ନାଳମ ଅନ୍ତର୍ଗତ ରଞ୍ଜଣା ଗ୍ରାମର ସୁଜିତ ଶତପଥୀ ଓ ତାଙ୍କ ଧର୍ମପନି ସୁଜାତା ଗଡ଼ନାୟକ ରାଉରକେଲାରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ରାସ୍ତାରେ ଖରାପ ହୋଇ ପଡିରହିଥିବା କ୍ୱଓ୧୯ଘ୯୧୩୪ ନମ୍ବର ବିଶିଷ୍ଟ ଏକ ଟ୍ରକ ସହିତ ପଛପଟୁ ଜୋରରେ ଧକା ହେବା ଫଳରେ ସ୍ୱାମୀ ଜଣକ ହାତ ଏବଂ ମୁହଁରେ ଆଘାତ ପାଇଥିବା ବେଳେ ସେମାନଙ୍କ ମୋଟରସାଇକେଲଟି ସମ୍ପୂର୍ଣ୍ଣ ଚୂର ମାର ହୋଇଯାଇଥିଲା । ଏପ୍ରକାର ଅବସ୍ଥା ଦେଖି ରାସ୍ତାରେ ଯାଉଥିବା ସ୍ଥାନୀୟ ଅତିରିକ୍ତ ତହସିଲଦାର ଶ୍ରୀ ଜେନା କାଳ ବିଳମ୍ବଓ୍ୱ ନକରି ତୁରନ୍ତ ନିଜ ସରକାରୀ ଗାଡ଼ିରେ ଦମ୍ପତିଙ୍କୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭାରପ୍ରାପ୍ତସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସେମାନଙ୍କର ଆଶୁ ଚିକିତ୍ସା ପାଇଁ ଅନୁରୋଧ କରି ଖମାର ଥାନାଅଧିକାରୀଙ୍କୁ ମଧ୍ୟ ତୁରନ୍ତ ସୂଚନା ଦେଇ ଖମାର ପୋଲିସକୁ ଘଟଣାସ୍ଥଳରେ ପହଞ୍ଚାଇବାର ସୁବନ୍ଦୋବସ୍ତ କରି ପୀଡ଼ିତଙ୍କ ମୋଟରସାଇକେଲକୁ ଥାନାକୁ ନେବାର ବ୍ୟବସ୍ଥା କରିଥିଲେ ।ଫଳରେ ଉକ୍ତ ଦମ୍ପତି ଦ୍ୱୟ ନିଶ୍ଚିତ ମୃତ୍ୟୁ ମୁଖରୁ ରକ୍ଷା ପାଇଯାଇଥିଲେ। ଶ୍ରୀ ଜେନାଙ୍କ ଏହି ମହାନ ଏବଂ ସମୟାନୁବର୍ତ୍ତୀ ମାନବିକ କାର୍ଯ୍ୟ ପାଇଁ ସମ୍ପୃକ୍ତ ଖମାର ଅଞ୍ଚଳବାସୀ ଭୁରିଭୁରି ପ୍ରଶଂସା କରିଥିଲେ ।

# ରେଙ୍ଗାଲିଠାରେ କେଜ କଲଚର ନିର୍ମାଣ କରାଯିବ



କଣିହାଁ,(ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଳି ଠାରେ ଥିବା ଓଏଚପିସି ଅତିଥି ଭବନ ପରିସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଅଣୁ , କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କାର୍ଯ୍ୟକାରିତା ବିଷୟ କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏଂ ଅଣୁ , କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ଯୋଗ ଦେଇ ମତ୍ସ୍ୟ ସଂପଦ ବିକାଶ ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କ ରେ ଆଲୋଚନା କରିଥିଲେ । ବୈଠକରେ ମତ୍ସ୍ୟ ସଂପଦ ବିକାଶ ପାଇଁ ରେଙ୍ଗାଳି ଜଳଭଣ୍ଡାର ଠାରେ କେଜ କଲଚର ସମ୍ପ୍ରସାରଣ , ପଶୁପାଳକ ସଶକ୍ତକରଣ ଏବଂ ସ୍ଥାନୀୟ ଅଞ୍ଚଳ ରେ କ୍ଷୁଦ୍ର ଶିଳ୍ପର ବିକାଶ ମାଧ୍ୟମରେ କର୍ମ ନିଯୁକ୍ତି ସୃଷ୍ଟି କରିବା ବିଷୟରେ ଆଲୋଚନା କରାଯାଇଥିଲା । ବିଶେଷ କରି ମତ୍ସ୍ୟ ଚାଷ ର ବିକାଶ ପାଇଁ ରେଙ୍ଗାଳି ଜଳ ଭଣ୍ଡାର ଠାରେ ହୋଇଥିବା କେଜ କଲଚର(ଫଞ୍ଜୁରି ମଧ୍ୟରେ ମାଛ ଚାଷ କେନ୍ଦ୍ର) କୁ ଦେଖି ତାହାର ସଂପ୍ରସାରଣ ବିଷୟରେ ଆଲୋଚନା କରିଥିଲେ ।ବର୍ତ୍ତମାନ ସ୍ଥିତିରେ ରେଙ୍ଗାଳି ଜଳଭଣ୍ଡାର ଠାରେ ୪ ଗୋଟି କେଜ କଲଚର ଥିବା ଜାଣିବା ପରେ ମତ୍ସ୍ୟ ଚାଷର ବୃଦ୍ଧି ପାଇଁ ଆଉ ପ୍ରାୟ ୩୬ ଗୋଟି କେଜ କଲଚର ନିର୍ମାଣ ସହ ରେଙ୍ଗାଳିକୁ ଏକ କେଜ କଲଚର( ପଞ୍ଜୁରି ମଧ୍ୟରେ ମାଛ ଚାଷ) ହବ କରାଯିବ ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି । ମତ୍ସ୍ୟ ଚାଷ ଦାରା ଯୁବକ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମତ୍ସ୍ୟ ଚାଷୀଙ୍କୁ ଆବଶ୍ୟକୀୟ ଜାଲ , ମୋଟର ଚାଳିତ ବୋଟ , ଆଇସ ବକ୍ସ ଯୋଗାଇ ଦିଆଯିବ ବୋଲି ମଧ ମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ପ୍ରକଳ୍ପ ପାଇଁ ୧୨୬ କୋଟି ଟଙ୍କା ର ପ୍ରସ୍ତାବ ସରକାର ଙ୍କ ପାଖକୁ ପ୍ରସ୍ତାବିତ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।ଏହା ସହ ରାଜ୍ୟ ର ଅର୍ଥନୀତି କୁ ସୁଦୃଢ଼ କରିବା ସହ ପ୍ରତିଟି ସରକାରୀ ସୁବିଧା କୁ ହିତାଧିକାରୀ ଙ୍କ ପାଖରେ ନିର୍ଦ୍ଧାରିତ ସମୟରେ ପହଞ୍ଚାଇବାକୁ ଅଧିକାରୀ ମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ବୈଠକ ପୂର୍ବରୁ ମନ୍ତ୍ରୀ ଓ ବିଧାୟକ ବୋଟ ଯୋଗେ ରେଙ୍ଗାଳି ଜଳ ଭଣ୍ଡାର ରେ ନିର୍ମାଣ ହୋଇଥିବା ମାଛ କେଜ କଲଚର ପାଖକୁ ଯାଇ ବୁଲି ଦେଖିଥିଲେ । ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲ୍ଲା ମତ୍ସ୍ୟଅଧିକାରୀ ପ୍ରଶାନ୍ତ ପାଣିଗ୍ରାହୀ, ଜିଲ୍ଲା ଉପ ମତ୍ସ୍ୟଅଧିକାରୀ ରାଟେଲ ମହାକୁଡ଼, ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ ଡ଼ଃ ସତ୍ୟନାରାୟଣ ସାହୁ, ଅତିରିକ୍ତ ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ପ୍ରତାପ ପଟ୍ଟନାୟକ, ସାଧାରଣ ପରିଚାଳକ ଜିଲ୍ଲା ଶିଳ୍ପକେନ୍ଦ୍ର ଶିବାଶିଷ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ ।

## ଡିଏଭି ପବ୍ଲିକ ସ୍କୁଲ, ଏମ୍‌ସିଏଲ, କଳିଙ୍ଗ କ୍ଷେତ୍ରରେ

## ପାଳିତ ହେଲା ଅନ୍ତର୍ଜାତୀୟ ଶ୍ରମିକ ଦିବସ

ତାଳଚେର, (ସବ୍ୟୁ ): ଡିଏଭି ପବ୍ଲିକ ସ୍କୁଲ, ଏମ୍ସିଏଲ, କଳିଙ୍ଗ କ୍ଷେତ୍ରରେ ସୁସ୍ଥ ମାନସିକ-ସାମାଜିକ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ବର୍ଷର ଥିମ ସହିତ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ତଥା ସହକାରୀ ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ସମାବେଶକୁ ସମ୍ବୋଧିତ କରି ବୈଦିକ ଯୁଗରେ ଶ୍ରମ ବିଭାଜନ କିପରି ଶ୍ରମିକମାନଙ୍କର ମର୍ଯ୍ୟାଦା ବୃଦ୍ଧି ପାଇଁ କରାଯାଇଥିଲା, ସେହି ବିଷୟ ଉପରେ ଆଲୋକପାତ କରିଥିଲେ । ସେ ଆହୁରି କହିଥିଲେ ଯେ କାର୍ଯ୍ୟ କ୍ଷେତ୍ରରେ ଏକ ସୁସ୍ଥ ପରିବେଶ ଗଠନ କରିବା ପାଇଁ ମାନସିକ ସ୍ୱାସ୍ଥ୍ୟ, ନାରୀ ସଶକ୍ତିକରଣ ଏବଂ ସ୍ଥାୟୀ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ସାମାଜିକ ବିଜ୍ଞାନ କ୍ଲବ୍ର ସଦସ୍ୟମାନେ ଏହି କାର୍ଯ୍ୟକ୍ରମଟି ଆୟୋଜନ କରିଥିଲେ । ଏଥିରେ ଶ୍ରମିକ ଦିବସ ପାଳନର ଗୁରୁତ୍ୱ ଉପରେ ଭାଷଣ ପ୍ରଦାନ ଏବଂ ଶ୍ରମିକମାନେ ଚାପମୁକ୍ତ ରହିବା ଆବଶ୍ୟକ ସମ୍ବନ୍ଧୀୟ କାହାଣୀ ଉପସ୍ଥାପନ କରାଯାଇଥିଲା ।ତର୍କବିତର୍କ ଭଳି ବିଭିନ୍ନ କାର୍ଯ୍ୟକଳାପ ଆୟୋଜିତ କରାଯାଇଥିଲା । "କୃତ୍ରିମ ବୁଦ୍ଧିମତ୍ତାର ଆଗମନରେ ଚାକିରି ହରାଇବାର ଭୟ' ବିଷୟରେ ଏକ ତର୍କବିତର୍କ ଆୟୋଜିତ ହୋଇଥିଲା, ଯେଉଁଥିରେ ଶିକ୍ଷକମାନେ ସକ୍ରିୟଭାବେ ଅଂଶଗ୍ରହଣ କରି ନିଜ ମତାମତ ପ୍ରକାଶ କରିଥିଲେ ।ଏହା ମାଧ୍ୟମରେ କାର୍ଯ୍ୟସ୍ଥଳରେ ମାନସିକ ସ୍ୱାସ୍ଥ୍ୟ, ସୁରକ୍ଷିତ ଏବଂ ସମାବେଶୀ ପରିବେଶର ଗୁରୁତ୍ୱକୁ ଉଲ୍ଲେଖ କରାଯାଇଥିଲା । ଯାହା କର୍ମଚାରୀମାନଙ୍କ ସହିତ ସମସ୍ତ କର୍ମୀଙ୍କ ପାଇଁ ଉପକାରୀ ଓ ପ୍ରତିଷ୍ଠାନର ଉତ୍ପାଦନଶୀଳ ବିକାଶରେ ସାହାଯ୍ୟକାରୀ ଅଟେ ।

# ଉଦ୍‌ଘାଟିତ ହେଲା ହିନ୍ଦୋଳ ହରିହାଟ ମହୋତ୍ସବ



ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ସର୍ବ ପୁରାତନ ହରିହାଟ ମହୋତ୍ସବ ଗତ କାଲୀ ସନ୍ଧ୍ୟାରେ ହରିହାଟ ଯାତ୍ରା ପଡ଼ିଆର ମହୋତ୍ସବ ମଣ୍ଡପରେ ମଞ୍ଚାସିନ ଅତିଥି ମାନଙ୍କଦ୍ୱାରା ଉ"ାଟିତ ହୋଇ ଯାଇଛି । ଉ"ାଟନୀ ଉତ୍ସବର ପ୍ରଥମ ସନ୍ଧ୍ୟାରେ ହିନ୍ଦୋଳ ବିଧାୟୀକା ସୀମାରାଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ କମିଟିର ଉପ ସଭାପତି ତହସିଲଦାର ଦିଲୀପ କୁମାର ସେଠି, ଏନ ଏ ସି ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମହୋତ୍ସବ କମିଟିର ସଭାପତି ସଂଯୋଜକ ତଥା ଆବାହକ ଉପ ଜିଲ୍ଲାପାଳ ପ୍ରଭାସ କୁମାର ବେହୁରାଙ୍କ ସଭାପତିତ୍ୱରେ ଆୟୋଜିତ ସଭା କାର୍ଯ୍ୟକ୍ରମରେ ସଂପାଦକ ତଥା ସହକାରୀ ଜିଲ୍ଲାପାଳ ବିଶ୍ୱଜି ରାଉତ ହରିହାଟ ମହୋତ୍ସବ ଉପରେ ସମ୍ୟକ ଧାରଣା ଉପସ୍ଥାପନ କରିଥିଲେ । ବିଧାୟୀକା ଶ୍ରୀମତୀ ନାୟକ ଏହାର ଉତ୍ତୋରର୍ତ୍ତର ଉନ୍ନତି କାମନା କରିଥଲେ । ଉପ ଜିଲ୍ଲାପାଳ ନିଜ ଅଭିଭାଷଣରେ କମିଟିର କାର୍ଯ୍ୟକର୍ତ୍ତା ଓ ପ୍ରସାଶନ ମଧ୍ୟରେ ନିବିଡ ସମ୍ପର୍କ ରହିଲେ ଏହୀ ମହୋତ୍ସବ ଉପଖଣ୍ଡ ସ୍ତରରେ ଅଗ୍ରଣୀ ହେବା ସହ ଜିଲ୍ଲା ଓ ରାଜ୍ୟ ସ୍ତରରେ ପ୍ରଶଂସା ଯୋଗ୍ୟ ହୋଇ ପାରିବ ବୋଲି କହି ଥିଲେ ।

ପ୍ରାରମ୍ଭରେ ଅଧ୍ୟାପକ ପ୍ରଭାକର ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥଲେ । ସଭା କାର୍ଯ୍ୟକ୍ରମ ପରେ ପରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଢ଼େଙ୍କାନାଳ ପୁରୀ ଓ ଭୁବନେଶ୍ୱରର ବହୁ ବଛା ବଛା ଡ୍ୟାନସ ଗ୍ରୁପ ଦଳ ଓ କଳାକାରମାନଙ୍କ ପକ୍ଷରୁ ସମଧୁର କଣ୍ଠ ସଙ୍ଗୀତ ଓଡ଼ିଶୀ ନୃତ୍ୟ ଓ ନୃତ୍ୟରେ ଭର ପୁର ଦର୍ଶକ ଆନନ୍ଦରେ ମତୁଆଲ ହୋଇ ଝୁମି ଥିଲେ । ଉଦଯାପନୀ ଦିବସ ରବିବାର ସନ୍ଧ୍ୟାରେ କଂଗ୍ରେସ ଓ ବିଜୁ ଜନତା ଦଳର ବହୁ ମାନ୍ୟ ଗଣ ନେତୃ ବୃନ୍ଦ ଯୋଗ ଦାନ କରିବାର କାର୍ଯ୍ୟକ୍ରମ ରହିଥିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି ।

## ଅଙ୍କରାନ୍ତିପୁର ଗ୍ରାମବାସୀଙ୍କୁ ଧମକଚମକ

# ଏସ୍‌ପିଙ୍କୁ ଭେଟିଲେ ଗ୍ରାମବାସୀ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦରଥାନା ଅଙ୍କରାନ୍ତିପୁର ଗ୍ରାମବାସୀଙ୍କୁ ପ୍ରଲୋଭିତ କରିବା ସହିତ ବେଆଇନ ଅର୍ଥଆଦାୟ,ମିଥ୍ୟା ଖବର ପ୍ରସାରଣ ମାଧ୍ୟମରେ ଧମକ ଚମକଦେବା ଘଟଣାକୁ ନେଇ ଗ୍ରାମବାସୀମାନେ ଏସ୍‌ପିଙ୍କୁ ଭେଟିବା ସହିତ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି । ଅଙ୍କରାନ୍ତିପୁର ଗ୍ରାମର କିଛି ଯୁବକ ଦିର୍ଘ ଦିନ ହେବ ଗ୍ରାମରେ ଅଶାନ୍ତି ସୃଷ୍ଟିକରିବା ସହିତ ଲୋକଙ୍କୁ ଠକିବାରେ ଲାଗୁଥିବା ଅଭିଯୋଗ ହୋଇଛି। ଆଜକୁ ୬୦ବର୍ଷ ତଳେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗ୍ରାମର ୨୪୦ ଜଣଙ୍କୁ ୨ ଗୁଣ୍ଠ ଲେଖାଏ ଜମି ପ୍ରଦାନ କରାଯାଇଥିଲା । ସେଥିମଧ୍ୟରୁ କେତେକ ପଟ୍ଟା ମିଳିଥିବା ବେଳେ ଅନ୍ୟମାନେ ପଟ୍ଟା କରିନଥିବାର ଜଣାପଡିଛି । ଏହି ସମୟରେ ଗ୍ରାମର ରମାକାନ୍ତ ଜେନାଙ୍କ ସହିତ ଅନ୍ୟମାନେ ପ୍ରତ୍ୟେକ ୫୦ ହଜାର ଟଙ୍କା ଦାବୀ କରିବା ସହିତ ଟଙ୍କା ନଦେଲେ ସମ୍ବାଦପତ୍ରରେ ମିଥ୍ୟା ଖବର ପ୍ରସାରଣ କରି ଗ୍ରାମର ସମ୍ମାନୀ ହାନୀ କରୁଛନ୍ତି । ଗ୍ରାମର ସାଧାରଣ ସଭାରେ ମଧ ଅନୁପସ୍ଥିତ ରହୁଛନ୍ତି । ଏଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହିତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତ । ଆଜି ଦାବୀପତ୍ର ପ୍ରଦାନ ସମୟରେ ପୂର୍ବତନ ସରପଞ୍ଚ ପ୍ରମୋଦ ନାୟକଙ୍କ ସହିତ ସାବିତ୍ରୀ ମହାରଣା, ସବିତା ନାୟକ,ସୁଶାନ୍ତ ରାଉତଙ୍କ ସହିତ ଗ୍ରାମବାସୀମାନେ ଉପସ୍ଥିତ ରହିଥିଲେ ।

## ନିଯୁକ୍ତି ଦାବିରେ ରେଳ ଧାରଣାରେ ଧାରଣା ଦେଲେ ୬ପରିବାର

କଣିହାଁ, (ସବ୍ୟୁ): ଏନଟିପିସି କଣିହାଁ ଦ୍ୱାରା କ୍ଷତିଗ୍ରସ୍ତ ବିଭିନ୍ନ ଗ୍ରାମର ଚାକିରି ଆଶାୟୀ ୬ ଏସଏପି କ୍ଷତିଗ୍ରସ୍ତ ପରିବାର ନିଯୁକ୍ତି ଦାବିରେ ଧାରଣା ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଶନିବାର ସକାଳ ୫ଘଟିକା ସମୟରେ କ୍ଷତିଗ୍ରସ୍ତ ପରିବାର ଗଣ ଏନଟିପିସି ଏମଜିଆର ଆମ୍ରପାଳ ଲେଭଲ କ୍ରସିଂ ପାଖରେ ରେଳ ଧାରଣାରେ ବସି ରହିଥିଲେ । ଫଳରେ ଏନଟିପିସି କୁ କୋଇଲା ପରିବହନ ବନ୍ଦ ରହିଥିଲା । ପରେ ଘଟଣା ସ୍ଥଳରେ ଏନଟିପିସି ମ୍ୟାନେଜମେଣ୍ଟ, ପୋଲିସ ପ୍ରଶାସନ ପହଞ୍ଚି ଏକ ସପ୍ତାହ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେବାପରେ ଅପରାହ୍ନ ୧ଘଟିକା ସମୟରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ସୂଚନା ଯୋଗ୍ୟଯେ, ଏନଟିପିସି ଦାରା କ୍ଷତିଗ୍ରସ୍ତ ଡେରଙ୍ଗ ଗ୍ରାମର ରଶ୍ମିତା ନାଏକ, ବିଜିଗୋଳ ଗ୍ରାମର ବିନ୍ଦୁ ସାଗର ପାଣି, ଗୁରୁଜାଙ୍ଗ ଗ୍ରାମର ହୃଷିକେଶ ପାଣି, ରଙ୍ଗବେଡା ଗ୍ରାମର ମୋନାଲିସା ପ୍ରଧାନ, ଗଦାଶିଳା ଗ୍ରାମର ସବିତାରାଣି ପ୍ରଧାନ, ପଙ୍ଖାଖମଣ ଗ୍ରାମର ଶୁଭଲକ୍ଷ୍ମି ପ୍ରଧାନ ୬ଏସଏପି କ୍ଷତିଗ୍ରସ୍ତ ନିଯୁକ୍ତି ନିମିତ୍ତ ବାରମ୍ବାର ଏନଟିପିସି କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ । ପରେ ଏଥି ନେଇ ଜିଲ୍ଲା ପ୍ରଶାସନ ଓ ଲୋକପ୍ରତିନିଧି ଏନଟିପିସିକୁ ଜଣାଇବା ପରେ ମଧ ୬ ବର୍ଷରୁ ଉର୍ଦ୍ଧ୍ୱହେବ ନିଯୁକ୍ତି ନମିଳିବାରୁ ଧାରଣା ଦେଇଥିଲେ ।

## ଦୋକାନ ଉପରେ ଚଢ଼ି ପୋଖରୀରେ ପଶିଗଲା କାର

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ବାମୁର ରେଲେଓ୍ୱ ଫାଟକ ନିକଟରେ ଶୁକ୍ରବାର ଦିନ ଏକ ଦୋକାନ ରେ ଉଡି ପୋଖରୀ ଭିତରେ ପଶି ଦୁର୍ଘଟଣା ଗ୍ରସ୍ତ ହୋଇଛି । ସୂଚନା ଅନୁସାରେ ବାମୁର ପଟରୁ କିଶୋରନଗର ଆଡକୁ ଏକ କାର ଦ୍ରୁତ ଗତିରେ ଯାଉଥିବା ବେଳେ ରେଲେଓ୍ୱ ଫାଟକ ପରେ ଥିବା ବାଙ୍କ ନିକଟରେ କାରଟି ଭାରସାମ୍ୟ ହରାଇଥିଲା । ଭାରସାମ୍ୟ ହରାଇ କାରଟି ଦ୍ରୁତ ଗତିରେ ସେଠାରେ ଥିବା ଏକ ଦୋକାନ ଘର ଭିତରେ ପଶିବା ସହ ଏକ ଟ୍ରଲିକୁ ଧMI ଦେଇ ସେଠାରେ ଥିବା ପୋଖରୀ ଭିତରେ ପଶି ଯାଇଥିଲା । ସ୍ଥାନୀୟ ଲୋକ କାରର ଚାଳକକୁ କାରରୁ ଉଦ୍ଧାର କରିଥିବା ବେଳେ ଚାଳକ ସୁରକ୍ଷିତ ଥିବା ଜଣାପଡିଛି । କାର ର ଚାଳକ ଙ୍କ ପରିଚୟ ଜଣା ପଡି ନାହିଁ ।

## ସାପୁଆ ଡ୍ୟାମ ଭିତରକୁ ପଶିଗଲା କାର

# ଜଣେ ମୃତ, ୩ ସୁରକ୍ଷିତ ଭାବେ ଉଦ୍ଧାର

ରାସୋଳ/ହିନ୍ଦୋଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସାପୁଆ ଡ୍ୟାମରେ ଶୁକ୍ରବାର ଅପରାହ୍ନ ରେ ଏକ ଅଘଟଣ କ୍ରମେ ଡ୍ୟାମ ର ଗଭୀର ଜଳ ରାଶି କୁ ପଶି ଗଲା କାର । କାରରେ ୪ଜଣ ଯାତ୍ରୀ ଥିବାବେଳେ କାର ଚାଳକ ସତ୍ୟଜିତ ନାୟକ, ସତ୍ୟବ୍ରତ ପାଟଶାଣି ଓ ରଞ୍ଜନ ସାହୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଛି । ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ଭୁବନେଶ୍ୱର ପାତ୍ରପଡା ସ୍ଥିତି କଳିଙ୍ଗ ନଗରର ପ୍ରସନ୍ନ କୁମାର ମହାରଣା (୭୦) ବୋଲି ଜଣା ଯାଇଛି । ଭୁବନେଶ୍ୱର ରେ ଏକ ଗ୍ୟାରେଜ ରେ ମିସ୍ତ୍ରୀ ଭାବେ କାମ କରୁଥିବା ଚାରିଜଣ ବ୍ୟକ୍ତି ଏକ କାର ନମଓ୍ୱର କ୍ୱଓ୩୩ଅR ୨୭୩୮ ରେ ସାପୁଆ ଡ୍ୟାମ କୁ ବୁଲିବାକୁ ଆସିଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି । ଡ୍ରାଇଭର ର ବେପରୁଆ ଗାଡି ଚାଳନା ପାଇଁ ଏହି ଦୁର୍ଘଟଣା ଘଟିଥିବାର ଜଣା ଯାଇଛି ।ନଦୀବନ୍ଧ ଉପରକୁ ଚାରି ଚକିଆ ଯାନ ନେବାକୁ ବାରଣ କରାଯାଇଥିବା ବେଳେ ସେମାନେ କାର ନେଇ ସେଠାକୁ କିପରି ଗଲେ ତାହା ତଦନ୍ତ ସାପେକ୍ଷ ।ଖବରପାଇ ରାସୋଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବା ସହିତ ଗାଡିକୁ ପାଣିରୁ ବାହାର କରିଛନ୍ତି । ମୃତକଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ରାସୋଳ ପୋଲିସ ଏବଂ ହିନ୍ଦୋଳ ଏସଡିପିଓ ମେଡିକାଲରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି । ଆଜି ଶବ ବ୍ୟବଚ୍ଛେଦ ହୋଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରା ଯାଇଛି ।

## ତାଳଚେର ସହରରେ ହାତୀ ଆତଙ୍କ

ତାଳଚେର, (ସବ୍ୟୁ ): ଗତକାଲି ତାଳଚେର ଲିଙ୍ଗରାଜ କୋଇଲା ଖଣି ନିକଟରେ ଏକ ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା । ଉକ୍ତ ହାତୀଟି ପ୍ରାୟ ରାତି ସମୟରେ ୧୪୯ନଂ ଜାତୀୟ ରାଜପଥ ଚାଲିଆକୁଡ଼ା ଗ୍ରାମ କେନାଲ ରାସ୍ତାରେ ରହିଥିଲା । ଲୋକମାନେ ବନବିଭାଗ ସହାୟତାରେ ଏହାକୁ ଅକ୍ଳାନ୍ତ ପରିଶ୍ରମ କରି ଅନ୍ୟତ୍ର ଘଉଡ଼ାଇ ଦେଇଥିଲେ ହେଁ ବୋଧହୁଏ ଗୋଠ ଭିତରୁ ଏହି ହାତୀଟି ପଳାଇ ଆସି ରାସ୍ତା ନପାଇ ଏଣେତେଣେ ଘୂରୀ ବୁଲୁଛି ବୋଲି ଅନୁମାନ କରାଯାଉଛି । ତେବେ ହାତୀପଲ କୋନାଳ ଜିଲ୍ଲା ପର୍ଜଙ୍ଗ ଅଂଚଳରୁ ବ୍ରାହ୍ମଣୀନଦୀ ପାର ହୋଇ ତାଳଚେର ଅଂଚଳକୁ ବାରମ୍ବାର ପଶି ଆସି ଲୋକଙ୍କ ଧନଜୀବନ ନଷ୍ଟ କରୁଥିବା ବେଳେ ବନବିଭାଗ ପକ୍ଷରୁ ତାଙ୍କୁ ଘଉଡ଼ାଇ ଦିଆଯାଇଥାଏ । ପୁନଶ୍ଚ ସେହି ପର୍ଜଙ୍ଗ ଅଂଚଳରୁ ହାତୀ ଗୁ କୌଣସି ଖାଦ୍ୟପଦାର୍ଥ ନପାଇ ଘୂରିବୁଲିବା ଫଳରେ ଲୋକମାନେ ତାଳଚେର ଆ ଘୋ ଦେଉଥିବାରୁ କର୍ଙ୍କିଳି, ଧରମପୁର, ଶୈନାଳୀ, ଉତ୍ୟାଦି ଗ୍ରାମକୁ ପଳାଇ ଆସିଥାନ୍ତି । ତେଣୁ ବନବିଭାଗ ପକ୍ଷରୁ ଏହାର ସ୍ଥାୟୀ ପ୍ରତିକାର କରିବା ନେଇ ସାଧାରଣରେ ଦାବି ହେଉଛି ।

# ପେନସନ୍, ସୁରକ୍ଷା ଦାବିରେ ଧାରଣା

ଢେଙ୍କାନାଳ, (ସବ୍ୟୁ) : ଓଡିଶା ସାମ୍ବାଦିକ ୟୁନିୟନ ଅଧୀନରେ ଢେଙ୍କାନାଳ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକମାନଙ୍କ ଦୀର୍ଘଦିନ ଧରି ଅପେକ୍ଷିତ ୩ଟି ମୁଖ୍ୟ ଦାବୀ, ପେନସନ୍, ସୁରକ୍ଷା ଓ ଆକ୍ରେଡିଟେସନ୍ ପୂରଣ ପାଇଁ ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ଆନ୍ଦୋଳନରେ ଜିଲ୍ଲାର ୮ଟି ବ୍ଲକରୁ ଆସିଥିବା କାର୍ଯ୍ୟରତ ସାମ୍ବାଦିକମାନେ ଯୋଗଦେଇ ଦାବୀ ପ୍ରତି ସରକାରଙ୍କ ଅନୁଦାନହୀନ ମନୋଭାବକୁ ନିନ୍ଦା କରିଥିଲେ। ପୂର୍ବତନ ସରକାର ଦାବୀଗୁଡିକୁ ଅଣଦେଖା କରିଥିବା ବେଳେ ବର୍ତ୍ତମାନ ସରକାର ପ୍ରତିଶୃତି ଦେଇ ମଧ କାର୍ଯ୍ୟାନୁଷ୍ଠାନ ନେଇନଥିବା ଅଭିଯୋଗ ସାମ୍ବାଦିକମାନେ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର ଓ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ଉଲ୍ଲେଖ ଅଛି ଯେ ଜିଲ୍ଲା ଓ ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନେ ଲୋକତନ୍ତ୍ରକୁ ସୁଦୃଢ଼ କରିବାରେ ମୂଲ୍ୟବାନ ସେବା ଦେଉଥିଲେ ମଧ ସେମାନଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥା ନଥିବା ଦୁଃଖଦ। ଏହି ପରିପ୍ରେକ୍ଷିରେ ଯୋଗ୍ୟ ସାମ୍ବାଦିକମାନଙ୍କ ପାଇଁ ସମଗ୍ର ପେନ୍ସନ ବ୍ୟବସ୍ଥା, ଅବସରପ୍ରାପ୍ତ ସାମ୍ବାଦିକ ଓ ସେମାନଙ୍କ ପରିବାର ପାଇଁ କଲ୍ୟାଣମୂଳକ ଯୋଜନା ଆରମ୍ଭ କରିବାକୁ ଦାବୀ ହୋଇଛି। ଏହାସହ କାର୍ଯ୍ୟଦାୟିତ୍ୱ ପାଳନ ସମୟରେ ସାମ୍ବାଦିକମାନେ ବିଭିନ୍ନ ଧମକ ଓ ଆକ୍ରମଣର ସମ୍ମୁଖୀନ ହେଉଥିବାରୁ ସୁରକ୍ଷା ପାଇଁ ବୈଧ ବ୍ୟବସ୍ଥା ଆଣିବା ଓ ଆକ୍ରେଡିଟେସନ୍ ପ୍ରଣାଳୀକୁ ସୁଦୃଢ଼ କରି ଗ୍ରାସରୁଟ୍ ସ୍ତରର ସାମ୍ବାଦିକମାନଙ୍କୁ ସୁଯୋଗ ଦେବାକୁ ଜୋର ଦିଆଯାଇଛି। ଓୟୁଜେ ଜିଲ୍ଲା ସଭାପତି ସରତ ନାୟାର ଓ ସାଧାରଣ ସମ୍ପାଦକ ଶିଶିର ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକା ରାଜଶ୍ରୀ ଶତପଥୀ ଅଧ୍ୟକ୍ଷତା କରିଥିଲେ। ସଭାରେ ପ୍ରସନ୍ନ କୁମାର ପଟ୍ଟନାୟକ, ସତ୍ୟସ୍ୱରୂପ ଦାସ, ପ୍ରଦ୍ୟୁମ୍ନ ରଥ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ଅଥୟ କୁମାର ସାହୁ, ବିନୋଦ ମହାନ୍ତି, ଆଦିତ୍ୟ ପଣ୍ଡା, ଲକ୍ଷ୍ମୀଧର ସାହୁ, ଦିନେଶ ଦାସ, ଆଶିଷ ଶତପଥୀ, ଗଙ୍ଗାଧର ରାଉତ, ସୁକାନ୍ତ ମିଶ୍ର, ବିଶ୍ୱନାଥ ବେହେରା, ରାମଚନ୍ଦ୍ର ପାତ୍ର, ସତ୍ୟନାରାୟଣ କର, ବିକାଶ ପଣ୍ଡା, ସନ୍ତୋଷ ଶତପଥୀ, ସ୍ୱର୍ଣ୍ଣପ୍ରଭା ସେଠୀ, ଶାଶ୍ୱତୀ ରାଉତ, ସୁଶାନ୍ତ ପାଣି, ବିଜ୍ଞାନ ମହାନ୍ତି ଆଦି ନିଜ ମତାମତ ରଖିଥିଲେ। ଏଥିରେ କାମାକ୍ଷାନଗର କ୍ଲବର ସଭାପତି ହିମାଂଶୁ ମହାପାତ୍ର, ସମ୍ପାଦକ ହୃଦୟ ବଲ୍ଲଭ ମିଶ୍ର ଓ ଅନ୍ୟାନ୍ୟ ସଦସ୍ୟମାନେ ମଧ ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକରୁ ଶତାଧିକ ସାମ୍ବାଦିକ ଉପସ୍ଥିତ ଥିବାବେଳେ ଦାବୀ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରିବାପାଇଁ ସତର୍କ କରାଯାଇଥିଲା। ସଭାକୁ ଅଥୟ କୁମାର ସାହୁ ପରିଚଳନା କରିଥିବା ବେଳେ ଅରବିନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

## ଢେଙ୍କାନାଳରେ ଆନ୍ତର୍ଜାତିକ ଶ୍ରମ ଦିବସ ପାଳିତ

# ୯୬୬ ହିତାଧିକାରୀଙ୍କୁ ୫କୋଟି ୧୭ ଲକ୍ଷ ୧୩ ହଜାର ଟଙ୍କା ପ୍ରଦାନ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହରସ୍ଥିତ ଆର୍ଟ ଏଣ୍ଡ କ୍ରାଫଟ ସେଣ୍ଟର ଠାରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇ ରାଷ୍ଟ୍ର ନିର୍ମାଣରେ ଶ୍ରମିକ ଭାଇ ଭଉଣୀମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ, ସେମାନଙ୍କର ସହଯୋଗ ବିନା କୌଣସି ପ୍ରକାରର ନିର୍ମାଣ ସମ୍ଭବ ନୁହେଁ ବୋଲି ପ୍ରକାଶ କରିଥିଲେ । ରାଜ୍ୟ ତଥା ଦେଶର ସାମଗ୍ରିକ ବିକାଶ ନିମନ୍ତେ ସେମାନଙ୍କର ନିରନ୍ତର ଉଦ୍ୟମ ଯୋଗୁଁ ସମ୍ଭବ ହୋଇ ପାରୁଛି ବୋଲି ମତବ୍ୟକ୍ତ କରି ସେମାନଙ୍କର ଭୂରି ଭୂରି ପ୍ରଶଂସା କରିଥିଲେ । କୌଣସି ଶ୍ରମିକ ଭାଇ ଭଉଣୀ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହେଲେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ କହିଥିଲେ । ସମ୍ମାନିତ ଅତିଥି ଭାବେ ପରଜଙ୍ଗର ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗ ଦେଇ ଶ୍ରମିକ ଭାଇ ଭଉଣୀମାନଙ୍କ ବିନା କୌଣସି ପ୍ରକାରର ଉନ୍ନତି ସମ୍ଭବ ନୁହେଁ ବୋଲି ମତ ପ୍ରକାଶ କରିଥିଲେ । ଜିଲାର କୌଣସି ଶ୍ରମିକ ଭାଇ ଭଉଣୀ ଯେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତାହାର ସମାଧାନ ପାଇଁ ତାଙ୍କର ପରାମର୍ଶ ନେବାକୁ ପୌରଅଧ୍ୟକ୍ଷା ଜୟନ୍ତୀ ପାତ୍ର କହିଛନ୍ତି । ଏହି ଅବସରରେ ଶ୍ରମିକମାନଙ୍କ ପିଲାଙ୍କ ଶିକ୍ଷା, ବିବାହ, ପ୍ରସୂତି କାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା ଓ ଅନ୍ତେଷ୍ଟିକ୍ରିୟା ପାଇଁ ୯୬୬ ଜଣ ହିତାଧିକାରୀଙ୍କୁ ଡ଼ି.ବି.ଟି . ମାଧ୍ୟମରେ ୫କୋଟି୧୭ଲକ୍ଷ ୧୩ହଜାର୮୦୦ ଟଙ୍କା ର ସହାୟତା ରାଶି ପ୍ରଦାନ କରାଯାଇଥିଲା ବେଳେ ୩୫୦ ଜଣଙ୍କୁ ପରି▸ୟ ପତ୍ର ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୁତାର ସ୍ୱାଗତ ଭାଷଣ ଦେଇଥିଲେ । ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଂଜନ ସେଠୀ, ଡ଼ି.ଏସ.ପି. କେ. ଜିସା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶ୍ରମିକମାନଙ୍କ ଭୂମିକା ଓ ଶ୍ରମ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଶେଷରେ ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଳାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଗ୍ରାମୀଣ ବ୍ୟାଙ୍କିଂ ଫେଲ

# କଙ୍କାଳ ଯାତ୍ରାପରେ ଏବେ କାଙ୍ଗାଳ ଯାତ୍ରା !

ଆନନ୍ଦପୁର, , (ସବ୍ୟୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡସ୍ଥ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଦନପୁର ଗାଁରେ ଆଉ ଜଣେ ଜିତୁ ମୁଣ୍ଡା ଉଭା ହୋଇଛନ୍ତି । ଛୋଟା ସାମୁଲ (ଛଦ୍ମ ନାମ) ନାମକ ମଦନପୁର ଗାଁର ଜଣେ ଆଦିବାସୀ ଯୁବକ ସମ୍ପୂର୍ଣ୍ଣ ନିରକ୍ଷର ଓ ବେସାହାରା ।

ଦୈନିକ ମଜୁରୀ ଲାଗି ପେଟ ପୋଷେ । ତା' ବ୍ୟାଙ୍କ ସଞ୍ଚୟ ଖାତାକୁ ପ୍ରଧାନମନ୍ତ୍ରୀ କିଶାନ ଓ ମୁଖ୍ୟମନ୍ତ୍ରୀ କିଶାନ ସାହାଯ୍ୟ ଅର୍ଥ ଆସୁଥିବାରୁ ସେ ସମ୍ପୃକ୍ତ ଗ୍ରାମର ଜଣେ ଚଞ୍ଚକ ଜନ ସେବା କେନ୍ଦ୍ର ଲାଇସେନ୍ସପ୍ରାପ୍ତ ପ୍ରତାପ କୁଅଁର ଓରଫ ଜାଡୁଙ୍କ ନିକଟରେ ପହଞ୍ଚିଲେ । ପ୍ରତାପ ଛୋଟା ସାମୁଲଙ୍କ ଟିପ ଚିହ୍ନ ନେଇଯାଇ ନିଜ ବାପା କ୍ଷମାକର କୁଅଁରଙ୍କ ନାମରେ କରିଥିବା ଏୟାରଟେଲ ପେମେଣ୍ଟ ଆକାଉଣ୍ଟକୁ ସରକାରଙ୍କ ଦ୍ୱାରା ହୋଇଥିବା ଡି.ବି.ଟି ପେମେଣ୍ଟ ଅର୍ଥରାଶିକୁ ନେଇଆସି ନିଜେ ଉଠାଇ ଆଣନ୍ତି । ଯେତେବେଳେ ଗଲେ ତାର ଟଙ୍କା ଆସିନାହିଁ ବୋଲି କହିଥାଆନ୍ତି । ଏବେ ସନ୍ଦେହ ହେବାରୁ ଗାଁର କିଛି ଶିକ୍ଷିତ ଯୁବକଙ୍କୁ ସାଥିରେ ନେଇ ଅନ୍ୟ ଏକ ଜନସେବା କେନ୍ଦ୍ରରେ ପହଞ୍ଚି ପୁଙ୍ଖାନୁପୁଙ୍ଖ ପରୀକ୍ଷା ନିରୀକ୍ଷା କରିବା ପରେ ସତ୍ୟ ଉନ୍ମୋଚିତ ହେବାରୁ ସମସ୍ତ କାଗଜପତ୍ର ଧରି ଛୋଟା ଏବେ ସାଇଁକୁଲ ଫାଣ୍ଡିରେ ନ୍ୟାୟ ପାଇଁ ଶରଣ ପଶିଛି । ନ୍ୟାୟ ନ ମିଳିଲେ ମୁଁ ଆତ୍ମହତ୍ୟା କରିବି ଆଉ ମୋ' ସ୍ୱାମୀ ମୋ' ଶବ ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବେ ବୋଲି ଉତକ୍ଷିପ୍ତ ସ୍ୱରରେ କହିଥିଲେ ଛୋଟାଙ୍କ ଧର୍ମପତ୍ନୀ । ପ୍ରତାପ କୁଅଁର ଓ ତା' ବାପା କ୍ଷମାକର ଶତାଧିକ ସିମ କାର୍ଡ ଓ ଅନେକ ନିରୀହ, ନିରକ୍ଷର ଆଦିବାସୀଙ୍କ ଟିପ ଚିହ୍ନ ନେଇ ଅନେକ ଆକାଉଣ୍ଟ ଖୋଲି ସରଳ ଗ୍ରାମବାସୀମାନଙ୍କୁ ଲୁଟପାଟ କରୁଛନ୍ତି । ଉପସାଗରୀୟ ଯୁଦ୍ଧ ଆରମ୍ଭ ହେବା ପରେ ପରେ ଆରମ୍ଭ ହୁଏ ପ୍ରତାପଙ୍କ ରନ୍ଧନ ଗ୍ୟାସ ସିଲିଣ୍ଡର ଚୋରା ବେପାର । ଏବେ ମଧ ତାଙ୍କ ଘରେ ଶହ ଶହ ସିଲିଣ୍ଡର୍ ମହଜୁଦ ରହିଛି । କିଛି ଦିନ ତଳେ କେବୁଲ ତାର ଚୋରି କରି ସେ କୋର୍ଟକୁ ଫରଓ୍ୱାର୍ଡ ହୋଇ ଏବେ ଜାମିନରେ ଅଛି । ତା' ବଡଭାଇ ରେଳ ଧାରଣା ଲୁହା ଚୋରି କରି ଅନେକ ଦିନ ଆନନ୍ଦପୁର ଜେଲରେ ଥିଲେ । ଏ' ଭଳି ସାଇବର୍ ଅପରାଧୀଙ୍କୁ କଠିନ ଶାସ୍ତି ଦେଇ ପୋଲିସ ପ୍ରଶାସନ ଗରୀବଗୁରୁବାଙ୍କୁ ରକ୍ଷା କରନ୍ତୁ ବୋଲି ମଦନପୁରବାସୀ ନିବେଦନ କରିଛନ୍ତି ।

# ଜିତୁ ମୁଣ୍ଡାଙ୍କୁ ସାହାଯ୍ୟର ହାତ ବଢାଇଲା ଯୁବ କଂଗ୍ରେସ



କେନ୍ଦୁଝର, (ସବ୍ୟୁ): ମୃତ ଭଉଣୀର କଙ୍କାଳ ଧରି ବ୍ୟାଙ୍କରୁ ଟଙ୍କା ଉଠେଇବା ପାଇଁ ଜିତୁ ମୁଣ୍ଡା ଯିବା ଘଟଣା ପ୍ରଘଟ ହେବା ପରେ ଜିତୁ ମୁଣ୍ଡାକୁ ଅନୁକମ୍ପା ଓ ସାହାଯ୍ୟ ହାତ ଲମ୍ବି ଚାଲିଛି । କେନ୍ଦୁଝର ଜିଲ୍ଲାର ଜଣେ ଆଦିବାସୀ ବ୍ୟକ୍ତି ଜିତୁ ମୁଣ୍ଡା ମୃତ ପ୍ରମାଣପତ୍ର ସ୍ୱରୂପ ଭଉଣୀ କଙ୍କାଳ ଧରି ପାଟଣା ବ୍ଲକର ଓଡିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲିପଶି ଶାଖା ଯିବା ଏବଂ ବ୍ୟାଙ୍କ କର୍ତୃପକ୍ଷ ଓ ପୋଲିସ ଧମକ ଯୋଗୁଁ ପୁଣି ଖରାରେ ୩ କିଲୋମିଟର ଖୋଲା ପାଦରେ ଚାଲିଚାଲି ଯିବା ଏକ ନିନ୍ଦନୀୟ ଘଟଣା । ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲାର ବିଧାୟକ ଏବଂ ଆଦିବାସୀ ସମ୍ପ୍ରଦାୟର ହେଲେ ବି ଆଦିବାସୀ ମାନେ ଅବହେଳିତ । ରାଜ୍ୟ ସରକାରଙ୍କ ନିଜ ଦୋଷ ଲୁଚେଇବା ପାଇଁ ବ୍ୟାଙ୍କ କର୍ତୃପକ୍ଷଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ରାଜ୍ୟ ସରକାରଙ୍କୁ ଗୋଟିଏ ପ୍ରଶ୍ନ ଜିତୁ ମୁଣ୍ଡା ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଘର ଓ ୩୫ କିଲୋ ଚାଉଳ ପାଇନଥିଲେ କଣ ପାଇଁ ? ମୃତ ଜିତୁ ମୁଣ୍ଡାର ଭଉଣୀ କଲରା ମୁଣ୍ଡା ଆଜି ପର୍ଯ୍ୟନ୍ତ ସୁଭଦ୍ରା ଟଙ୍କା ଓ ବିଧବା ଭତ୍ତା ମିଳିନଥିଲା କଣ ପାଇଁ? ଆଜି ପର୍ଯ୍ୟନ୍ତ ମୃତ୍ୟୁ ପ୍ରମାଣ ପତ୍ର କିମ୍ବା ଉତ୍ତରାଧିକାରୀ ପ୍ରମାଣ ପତ୍ର ମିଳିନଥିଲା କଣ ପାଇଁ? ବୋଲି ଅନେକ ପ୍ରଶ୍ନ ରାଜ୍ୟ ସରକାରଙ୍କୁ ଯୁବ କଂଗ୍ରେସ ପ୍ରଶ୍ନ ପଚାରିଛି । ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ଏକ ଯୁବ କଂଗ୍ରେସର ସତନ୍ତ୍ର ଦଳ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ, ସାଧାରଣ ସମ୍ପାଦକ ମନୀଷ ଶର୍ମା ଏବଂ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ପାଟଣା ବ୍ଲକର ଡ଼ିଆନାଳି ଗ୍ରାମକୁ ଯାଇଥିଲେ । ଯୁବ କଂଗ୍ରେସ ପକ୍ଷରୁ ଜିତୁ ମୁଣ୍ଡାଙ୍କୁ ଭେଟିବା ପରେ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି ସ୍ୱତନ୍ତ୍ର ଦଳରେ ପୂର୍ବତନ ସାଂସଦ ତଥା ରାଜ୍ୟ କଂଗ୍ରେସ ଆଦିବାସୀ ସେଲର ଅଧକ୍ଷ ଯଶବନ୍ତ ନାରାୟଣ ସିଂ ଲାଗୁରି, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ପ୍ରାର୍ଥୀ ତଥା ଜିଲ୍ଲା କଂଗ୍ରେସ ଉପସଭାପତି ବିନୋଦ ବିହାରୀ ନାଏକ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଜିତ ଜେନା, ଗୋପନ ମାର୍ଥା,ସତ୍ୟଜିତ ଦାସ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମଣ ଦାଶ, ବୀରଭଦ୍ର ମହାନ୍ତ, ଜ୍ଞାନରଞ୍ଜନ ମିଶ୍ର, ଦିଲ୍ଲୀପ କୁମାର ଦାଶ,ମୁକୁନ୍ଦ ଚରଣ ମହାନ୍ତ, ଯୁବ କଂଗ୍ରେସ ନେତା ସୌମ୍ୟରଂଜନ ରାଉତ, ପରମେଶ୍ୱର ନାଏକ, ବେଦବ୍ୟାସ ବେହେରା, ଅଭିନାଶ ଓଝା,ଲିପୁ ଭୂୟାଁ, ଅମିତ ରାଉତ ଓ ସୌମ୍ୟରଞ୍ଜନ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜମିସ୍ତ୍ରୀ, ନିର୍ମାଣ ଶ୍ରମିକସଂଘର ଶ୍ରମିକ ସମାବେଶ



ବାଲେଶ୍ୱର,(ସବ୍ୟୁ): ରାଜମିସ୍ତ୍ରୀ ଓ ନିର୍ମାଣ ଶ୍ରମିକସଂଘ ପକ୍ଷରୁ ସ୍ଥାନୀୟ ସିଦ୍ଧିକଲ୍ୟାଣ ମଣ୍ଡପଠାରେ ଗତ ୧ ତାରିଖରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ମଣ୍ଡପ ପରିସରରେ ସଂଘର ପତାକାକୁ ସଭାପତି ରଂଜନ କୁମାର ବାଗ ଉତ୍ତୋଳନ କରିଥିଲେ । ପରେ ସହୀଦ୍ ବେଦୀରେ ମୃତ୍ୟୁବରଣ କରିଥିବା ଶ୍ରମିକ ମାନଙ୍କ ଉଦ୍ଦେଶ୍ୟରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ଏହାପରେ ସେମାନେ ଏକ ବିରାଟ ପଟୁଆର ସହର ପରିକ୍ରମା କରିବାପରେ ସିଦ୍ଧି କଲ୍ୟାଣମଣ୍ଡପ ଠାରେ ଆୟୋଜିତ ସଭାରେ ଶ୍ରମିକମାନେ ଯୋଗଦେଇଥିଲେ । ଏହି ସଭାରେ ସଂଘର ସଭାପତି ରଂଜନବାଗ ସଭାପତିତ୍ୱ କରି ପ୍ରତିକୂଳ ପାଗ ସତ୍ତ୍ୱେ ସହସ୍ରାଧିକ ଶ୍ରମିକ କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସଂଘର ସାଧାରଣ ସମ୍ପାଦକ ଅଶୋକ ବେରା ବିବରଣୀ ପାଠ ମାଧ୍ୟମରେ ସଂଘର ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱରର ପ୍ରାକ୍ତନ ନଗରପାଳ ତପନ ଚକ୍ରବର୍ତ୍ତୀ, ସଂଘର ଉପଦେଷ୍ଟା ବିଷ୍ଣୁ ପ୍ରସାଦ ମହାନ୍ତି,ବାଲେଶ୍ୱର ଉପନଗରପାଳ କୈଳାଶ ଚନ୍ଦ୍ର ସେଠୀ, ପୂର୍ବତନ ଉପନଗରପାଳ ମୋନଜ କୁମାର ରାଉତ, ବିଜୁଳି କର୍ମଚାରୀ ସଂଘର ସଭାପତି ନିମାଇଁ ରାଉତରାୟ, ବୈଷୟିକ ପରାମର୍ଶଦାତା ଇଂ ଗୌରୀଶଙ୍କର ଜେନା, ଇଂ ଚିରାଗ୍ ରଣା , ଶ୍ରମିକନେତା ଅଭିଜିତ୍ ଦାସ ଏବଂ ଆଇନ ପରାମର୍ଶଦାତା ଐଶ୍ୱର୍ଯ୍ୟ ସେନାପତି ପ୍ରମୁଖ ଅତୀଥି ଭାବରେ ଯୋଗଦେଇ ଶ୍ରମିକମାନଙ୍କର ବିଭିନ୍ନ ଦାବୀ ହାସଲପାଇଁ ସଂଘକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ପ୍ରତି ସରକାର କାର୍ଯ୍ୟକାରୀ କରିବାକୁ ଯାଉଥିବା ଶ୍ରମ ଆଇନ ଶ୍ରମିକ ବିରୋଧି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର କର୍ମକର୍ତ୍ତା ସର୍ବଶ୍ରୀ ପରେଶ ମହାନ୍ତି, ଶମ୍ଭୁନାଥ ଜେନା, ହରେନ୍ଦ୍ର ଖଣ୍ଡା, ଜୟକୃଷ୍ଣ ନାୟକ, ସନ୍ତୋଷ ନାୟକ, ଅଜିତ୍ ବାରିକ, ନାରାୟଣ ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ବିଶ୍ୱ ଦେବ ଘଡ଼େଇ, କାର୍ତିକ ପ୍ରଧାନ, ବୀରକିଶୋର ମାଝୀ,ରାଜେନ୍ଦ୍ର ମହାର୍ଣ୍ଣା, ସାଧୁ ଦାସ, ରତିକାନ୍ତ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ସଂଘର ଦିବଂଗତ ନେତା ଏବଂ ଶ୍ରମିକମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇ ଥିଲା ।

# ବନ୍ଧକ ଗହଣା ଫେରସ୍ତ ନଦେବା ଅଭିଯୋଗରେ ମାମଲା ରୁଜୁ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନଗୁଆଁ ପଞ୍ଚାୟତ ଡଗରପଡା ଗ୍ରାମର ଭୀମସେନ ସେଠୀ ବନ୍ଧକ ସୁନାରୂପା ଗହଣା ଫେରସ୍ତ ଦେଉନଥିବା ଅଭିଯୋଗରେ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ କେଉଁଝର ଜିଲ୍ଲା ନନ୍ଦିପଦା ଥାନା ବଳଭଦ୍ରପୁର ଗ୍ରାମର ଭଗବାନ ସେଠୀ ୨୦୧୯ ମସିହା ଡିସେମ୍ବର ମାସରେ ମୋଟ ୧୪ ଗ୍ରାମର ସୁନା ପେଣ୍ଡିଫୁଲ ଓ ଝରାଫୁଲ ଏବଂ ୧୬ ଭରି ଓଜନର ରୂପାଗହଣା ଭୀମସେନଙ୍କୁ ବନ୍ଧକ ଦେଇ ୨୨ହଜାର ଟଙ୍କା ଉଧାର ନେଇଥିଲେ । ଉଧାର ନେବା ମାସଠାରୁ ଭଗବାନ ନିୟମିତ ସୁଧ ପୈଠ କରିଆସୁଥିଲେ । ଗତ ମାର୍ଚ୍ଚ ୨୯ ତାରିଖରେ ମୂଳଅର୍ଥ ପୈଠ କରି ବନ୍ଧକ ଗହଣା ଫେରସ୍ତ ପାଇଁ ଭଗବାନ ଚାହିଁଥିଲେ । ମାତ୍ର ଭୀମସେନ ବନ୍ଧକ ଗହଣା ବିକ୍ରି ହୋଇଯାଇଛି କହି ଫେରସ୍ତ ଦେବାକୁ ମନା କରିଥିଲେ । ଏ ସମ୍ପର୍କରେ ମାର୍ଚ୍ଚ ୩୦ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା । ଗତ ଅପ୍ରେଲ ୧୨ ତାରିଖରେ ଭୀମସେନ ଥାନାକୁ ଭଦ୍ରଲୋକଙ୍କ ସହ ଆସି ୮ ଦିନ ମଧ୍ୟରେ ବନ୍ଧକ ଗହଣା ଫେରସ୍ତ ଦେବାକୁ ପ୍ରତିଶ୍ରୁତି ଦେଇଯାଇଥିଲା । ପରେ ଗହଣା ଫେରସ୍ତ ପାଇଁ ମନା କରିବା ସହ ଘରକୁ ଆସିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା । ଫଳରେ ଗତ ଶୁକ୍ରବାର ଭୀମସେନଙ୍କ ନାମରେ ୨୧୫/୨୬ନଂ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ବୀମା ସହାୟତା

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ପୂର୍ବପଡା ଗ୍ରାମର ସୁରେନ୍ଦ୍ର ଦାସ ଗତ ଡିସେମ୍ବର ମାସରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବେଳେ ପଳସା ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ତାଙ୍କୁ ବୀମା ସହୟତା ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ପଳସା ସମିତି କାର୍ଯ୍ୟାଳୟ ପରିସରରେ ସମ୍ପାଦକ ରାଜେଶ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୋର୍ଡ ସଭାପତି ହେମନ୍ତ କୁମାର ପୃଷ୍ଟି,ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଯଦୁନାଥ ସ ଓ ସୁପରଭାଇଜର ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗ ଦେଇ ସମସ୍ତ ଋଣୀ ଓ ଚାଷୀ ନିଜକୁ ବୀମାଭୁକ୍ତ କରାଇବାକୁ ପରାମର୍ଶ ଦେଇଥିଲେ। ଶେଷରେ ଅଧିକାରୀ ମାନେ ସୁରେନ୍ଦ୍ରଙ୍କ ସ୍ତ୍ରୀ ମାଳତୀ ଦାସଙ୍କୁ ବୀମା ସହାୟତା ବାବଦକୁ ୫ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ସମସ୍ତ ବୋର୍ଡସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ବେଲଡିହାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ରଘୁପୁର ପଞ୍ଚାୟତର ବେଲଡିହା ଗ୍ରାମରେ ଥିବା ବିଦୁ ଚାନ୍ଦାନ ଅଲ ଇତୁନ ଆଖ୍ଲାପକ୍ଷରୁ ସାନ୍ତାଳି ଭାଷାର ଲିପି ଅଲଚିକିର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ପାଳିତ ହୋଇଯାଇଛି ।ପଣ୍ଡିତ ରଘୁନାଥ ମୁର୍ମୁ ୧୯୦୫ ମସିହା ବୈଶାଖ ପୂର୍ଣ୍ଣିମାରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ନିକଟସ୍ଥ ଡାହାରଡିହି ଡାଣ୍ଡବୋଷ ଗ୍ରାମରେ ପିତା ନନ୍ଦଲାଲ ମୁର୍ମୁ ଓ ମାତା ସଲମାଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ । ପଣ୍ଡିତ ରଘୁନାଥ ମୁର୍ମୁ ଅଲଚିକି ଲିପି ୧୯୨୫ ମସିହାରେ ବାରିପଦା କଲେଜ ବା ଆଜିର ଏମକେସି ହାଇସ୍କୁଲରେ ଅଧ୍ୟୟନ ସମୟରେ ଉଦ୍ଭାବନ କରିଥିଲେ । ଏହି ବୈଶାଖ ପୂର୍ଣ୍ଣିମା ଦିନ ଖାଲି ମୟୂରଭଞ୍ଜ ଜିଲ୍ଲାରେ ନୁହେଁ,ଝାଡଖଣ୍ଡ,ବିହାର,ବେଙ୍ଗଲ ଓ ଆଶାମ ରାଜ୍ୟ ମାନଙ୍କରେ ବସବାସ କରୁଥିବା ସମସ୍ତ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ଧୁମଧାମରେ ପାଳନ କରିଥାନ୍ତି । ଏହି ପରିପେକ୍ଷିରେ ବେଲଡଡିହା ଗ୍ରାମର ସମସ୍ତ ଗ୍ରାମବାସୀ ମାନେ ବିଦୁ ଚାନ୍ଦାନ ଅଲ ଇତୁନ ଆଖ୍ଲା ନାମରେ ଥିବା ଅଲଚିକି ଶିକ୍ଷାନୁଷ୍ଠାନ ନିକଟରେ ଏକତ୍ରିତ ହୋଇ ସେମଲେଦ ଚିର(ପତାକା) ଉତ୍ତଳନ କରି ଅଲଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫୋଟ ଚିତ୍ରରେ ପୂଜାର୍ଚ୍ଚନା କରିଥିଲେ । ଏହି ସେମଲେଦ ଚିରକୁ ବାଘ୍ରାୟ ହେମ୍ବ୍ରମ ଉତ୍ତୋଳନ କରିଥିବା ବେଳେ ଗ୍ରାମର ନାୟକେ(ପୂଜକ) କାଳି ଚରଣ ମାର୍ଣ୍ଡି ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମଟି ଆଖ୍ଲାର ମାଚେି ତଥା ପୂର୍ବତନ ସମିତିସଭ୍ୟ ବିଟଲ ମୁର୍ମୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ଗ୍ରାମର ନୟାନ ମୁର୍ମୁ,ଭାଦ ହାଁସଦା,ପ୍ରସନ୍ନ ହାଁସଦାଃ,ରଣଜିତ ସୋରେନ,ସନାତନ ମୁର୍ମୁ,ପିରୁ ସୋରେନ,ହରିଶ ମୁର୍ମୁ,ମିନତି ମୁର୍ମୁ,ତୁଳସୀ ମାର୍ଣ୍ଡି,ସୁମିତ୍ରା ମୁର୍ମୁ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଠାକୁରମୁଣ୍ଡା ବ୍ଲକ : ଏ -୧ ରେ ୧୨ କୃତକାର୍ଯ୍ୟ

ଠାକୁରମୁଣ୍ଡା ,(ସବ୍ୟୁ): ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ଫଳ ଶନିବାର ୨ ତାରିଖରେ ପ୍ରକାଶ ପାଇବା ପରେ ଏଠାରେ ଆନନ୍ଦ, ଉତ୍ସାହର ମାହୋଲ ଦେଖିବାକୁ ମିଳିଛି । କେବଳ କେନ୍ଦୁଜିଆଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ୧୦ ଜଣ ଏ -୧ ରେ କୃତକାର୍ଯ୍ୟ ହୋଇଛନ୍ତି ।ଏଥି ସହିତ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଜିଆଣୀ ଶତ ପ୍ରତିଶତ ରେଜଲଫ କରିଛି । ମୋଟ ୬୭ ରୁ ଅ-୧ରେ ୧୦ ସମେତ ଅ-୨ ରେ ୩୩,ଇ-୧ ରେ ୨୩ ଏବଂ ଇ-୨ ରେ ଜଣେ ଅଛନ୍ତି ।ସେହିପରି ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ, ନିଶାପୋଷି ରୁ ଜଣେ ଅ-୧ ଏବଂ ମହୁଲଡିହା ସରକାରୀ ଉଚ୍ଚ ବିଦ୍ୟାଳୟରୁ ମଧ ଜଣେ ଅ-୧କୃତକାର୍ଯ୍ୟ ହୋଇଛନ୍ତି । ସମସ୍ତଙ୍କୁ ଅନୁଷ୍ଠାନରୁ ବିଶେଷ କୃତଜ୍ଞତା ଜଣାଯାଇଛି ।ପାଞ୍ଚପୀଢରେ କେନ୍ଦୁଜିଆଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶ୍ରେଷ୍ଠ ସ୍ଥାନରେ ରହିଛି । ଅ-୧ ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନେ ହେଲେ ସୌରଭ ନନ୍ଦ (୫୬୧) , ଜ୍ଞାନ ପ୍ରକାଶ ମହାନ୍ତ (୫୫୮), ଆକାଶ କୁମାର ସିଙ୍କୁ , (୫୪୭),ଅଙ୍କିତ କୁମାର ସର୍ଦ୍ଦାର, (୫୪୦) , ଓମ ସାଇ ସରୂପ ନାୟକ, (୫୪୦ ), ସତ୍ୟ ରଞ୍ଜନ ମହାନ୍ତ, (୫୪୦) , ରିତିକ ମଣ୍ଡଳ (୫୪୦), ସୋମନାଥ ମହାନ୍ତ (୫୪୦ ),ଶୁଭଙ୍କର ବାରିକ (୫୪୦ ),ପ୍ରଣବ କୁମାର ମହାନ୍ତ (୫୪୦ ) । ଅନ୍ୟ ସ୍କୁଲ ମାନଙ୍କରେ ଅ-୧ ରେ ଛାତ୍ର ଛାତ୍ରୀ ନଥିଲେ ମଧ ମୋଟାମୋଟି ଫଳାଫଳ ଭଲ ହୋଇଛି ।

# ମ୍ୟାଟ୍ରିକ ପରୀକ୍ଷାଫଳ: ଦିବ୍ୟପ୍ରଜ୍ଞା ନାଥ ବ୍ଲକ ଟପ୍ପର

ବେତନଟୀ ,(ସବ୍ୟୁ): ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା-୨୦୨୬ ରେ ସାରା ଓଡିଶାରେ ପାଖାପାଖି ଶତକଡ଼ା ୯୫.୩୩ ପ୍ରତିଶତ ପରୀକ୍ଷାର୍ଥୀ କୃତ କାର୍ଯ୍ୟ ହୋଇଥିବା ବେଳେ ଆମ ଅଞ୍ଚଳରେ ତଦନୁରୂପ ଶତପ୍ରତିଶତ ସଫଳତା ମିଳିଥିବା ଜଣାଯାଇଛି । ମୟୂରଭଞ୍ଜ ଜିଲ୍ଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଶତକଡା ୯୭.୫୨ ପ୍ରତିଶତ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ବେତନଟୀ ବ୍ଲକର ମୋଟ ୩୬ଟି ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ ସଂସ୍କୃତ ଟୋଲ ର ସମସ୍ତ ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବାଲକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିବ୍ୟପ୍ରଜ୍ଞା ନାଥ ସର୍ବୋଚ୍ଚ ୫୬୩ ନମ୍ବର ରଖି ବେତନଟୀ ବ୍ଲକ ଟପ୍ପର ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବାଲକା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଆଦ୍ୟାଶା ସାହୁ ୫୫୮ , ବାଲକା ଉଚ୍ଚ ବିଦ୍ୟାଳୟର ଛାତ୍ର କ୍ରୀଷ୍ଣା ପାଣିଗ୍ରାହୀ ୫୪୪ , ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ରୋଜାଲିନ ମହାନ୍ତ ୫୪୦ , ଭାଲିଆସ୍ଥିତ ମା ଚକ୍ରଶୀଳା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଜ୍ୟୋସ୍ନା ଧଳ ୫୪୦ ଏବଂ ମଛପଦା ସ୍ଥିତ ଗୋପବନ୍ଧୁ ଶିକ୍ଷା ନିକେତନର ଛାତ୍ରୀ ଜୟସ୍ମିତା ପୃଷ୍ଟି ୫୪୦ ନମ୍ବର ରଖିଛନ୍ତି । ଓଷ୍ଟାର ଜିଲ୍ଲା ଯୁଗ୍ମ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ , ଓଷ୍ଟାର ବ୍ଲକ କର୍ମକର୍ତ୍ତା ଏବଂ ସ୍ଥାନୀୟ ଶିକ୍ଷାବିତ ସମସ୍ତ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

## ଟ୍ରେନ ଧକ୍କାରେ ୪ ଗୋରୁ ମୃତ : କାମଧେନୁ ଗୋସେବା ଟ୍ରଷ୍ଟର ସହାୟତା

କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ସଦର ଉପକଣ୍ଠ ଘୁଟୁରୁ ଗ୍ରାମ ତୋଟାସାହି ନିକଟରେ ପୁରୀ ବଡବିଲ ଇଣ୍ଟରସିଟି ଏକ୍ସପ୍ରେସରେ ଧକ୍କା ହୋଇ ୪ଟି ଗୋରୁ ମୃତ୍ୟୁ ବରଣ କରିଥିବାର ଖବର ପାଇବା

ପରେ ଗୋସମ୍ମାନ ଆହଓ୍ୱାନ ଅଭିଯାନର ଜିଲ୍ଲା ପ୍ରମୁଖ ତଥା କାମଧେନୁ ଗୋସେବା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ମୋନାଲିସା ଦାଶ ଉକ୍ତ ସ୍ଥାନକୁ ଯାଇ ନିରିକ୍ଷଣ କରିବା ପରେ ରେଲେଓ୍ୱ ସହାୟକ ମଣ୍ଡଳ ଯନ୍ତ୍ରୀ କୃତିବାସ ବେହେରାଙ୍କୁ ଯୋଗାଯୋଗ କରିଥିଲେ ଏବଂ ଗୋ ସେବକ ଗୌତମ ଦାସ, ଶ୍ରୀତମ ପାତ୍ର, ରୁଦ୍ର ନାଏକ, ମନୋଜ ମୁଖୀ ଓ ସ୍ଥାନୀୟ ଯୁବକଙ୍କ ସହାୟତାରେ ଗୋମାତା ମାନଙ୍କର ଯଥାରୀତୀ ଅନ୍ତିମ ସଂସ୍କାର କରିଥିଲେ । ରାତ୍ରି ହେବା ଶ୍ରୀମତୀ ଦାଶ ଓ ଗୋସେବକ ମାନେ ଏହି କାର୍ଯ୍ୟକୁ ସଚ୍ଛୋକୃତ ଭାବରେ ସଂପନ୍ନ କରିଥିଲେ । ଏହି କାର୍ଯ୍ୟରେ ଶ୍ରୀ ବେହେରା ସେ୍ୱଚ୍ଛାରେ ସହାୟତାର ହାତ ବଢ଼ାଇଥିଲେ । ଶ୍ରୀମତୀ ଦାଶ ଗୋରୁଙ୍କ ସୁରକ୍ଷା ଲାଗି ଉଦବେଗ ପ୍ରକାଶ କରି କହିଥିଲେ କି ଟ୍ରେନ ଚାଳକ କିପରି ଭାବରେ ଫାଟକ ଠାରୁ ମାତ୍ର ୧୦୦ ମିଟର ଦୂରତାରେ ଥିବା ଗୋରୁ ମାନଙ୍କୁ ଦେଖି ପାରିଲେ ନାହିଁ? ଏହା ମଧ ସ୍ଥାନୀୟ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଅଛି ।

# ହନୁମାନ ମନ୍ଦିର ବାର୍ଷିକ ଉତ୍ସବ

ଆଗରପଡ଼ା,(ସବ୍ୟୁ): ସ୍ଥାନୀୟ ରାଉତରାପୁରସ୍ଥିତ ପାଣଗଡ଼ିଆ ଠାରେ ପ୍ରତିଷ୍ଠିତ ହନୁମାନ ମନ୍ଦିର ୧୧ତମ ବାର୍ଷିକ ଉତ୍ସବ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ସାଳନ୍ଦୀ ନଦୀରୁ ଘଟୋତ୍ତଳନ ପରେ ପଣ୍ଡିତ ବିଷ୍ଣୁ ମୋହନ ପାଣିଗ୍ରାହୀ,ବଳରାମ ଶତପଥୀ,ଭବତୋଷ ଶତପଥୀ ପୂଜାର୍ଚ୍ଚନା କରିଥିଲେ । ପୂର୍ବତନ ସରପଂଚ ବାସନ୍ତୀ ମହାପାତ୍ର ଓ ରାଧାନାଥ ମହାପାତ୍ର କର୍ତ୍ତା କାର୍ଯ୍ୟ ତୁଲାଇ ଥିବାବେଳେ ଯୁବନେତା ଚିନ୍ମୟ ମହାପାତ୍ର,ପରମାନନ୍ଦ ମହାପାତ୍ର,ଚକ୍ରଧର ମହାପାତ୍ର,କାଳୁ ସାହୁ,ଉମାକାନ୍ତ ଜେନା,ସୁଦାମ ପୃଷ୍ଟି,ବିଜୟ ମହାପାତ୍ର,ରବିନ୍ଦ୍ର ସାହୁ,ଚନ୍ଦ୍ରଶେଖର ବେହେରା,ଶରତ ଡଗରା,ଗଜେନ୍ଦ୍ର ପଲେଇ,ନିତ୍ୟାନନ୍ଦ ଡାଙ୍ଗୁଆ ପ୍ରମୁଖ ଗ୍ରାମବାସୀମାନେ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ ।

# ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ସହ ହାଇଟେକ ମେଡ଼ିକାଲର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




କେନ୍ଦୁଝର (ଜିପ୍ର): -କେନ୍ଦୁଝର ଜିଲ୍ଲାଘଷିପୁରା ବ୍ଲକ ଅଳତି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଏବଂ ହାଇଟେକ ମେଡିକାଲ କଲେଜ ହସ୍ପିଟାଲ ସହଯୋଗରେ ଏକ ଦିନିକିଆ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ହାଇଟେକ ଗ୍ରୁପର ଅଧକ୍ଷ ତିରୁପତି ପାଣିଗ୍ରାହୀ ଓ ହାଇଟେକ ଗ୍ରୁପର ମ୍ୟାନେଜିଂ ଟ୍ରଷ୍ଟି ଏବଂ ସି.ଇ ଓ ସୁରେଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଆଖ ପାଖ ପାଞ୍ଚ ଖଣ୍ଡ ପଞ୍ଚାୟତରୁ ଏକ ହଜାରରୁ ଉର୍ଦ୍ଧ ବ୍ୟକ୍ତି ଉପସ୍ଥିତ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଶିବିରରେ ମେଡ଼ିସିନ, ଅସ୍ଥିଶଲ୍ୟ,କର୍ଣ୍ଣ,ନାସା,ଗଳା, ଚକ୍ଷୁ, ଦନ୍ତ,ଚର୍ମ ଇତ୍ୟାଦି ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ପରାମର୍ଶ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଆବଶ୍ୟକ ସ୍ଥଳେ ମେଡ଼ିସିନ ପ୍ରଦାନ କରାଯାଇଥିଲା ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ଅଧକ୍ଷ ଡ଼ ବିପିନ ବିହାରୀ ମିଶ୍ର ସମ୍ପାଦକ ଡ଼ଃ ସୁକାନ୍ତି ମିଶ୍ର ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ସଭାକୁ ସମ୍ବୋଧନ କରିଥିଲେ ।ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବସନ୍ତ ମଞ୍ଜରୀ ଫାଉଣ୍ଡେସନର ଟ୍ରଷ୍ଟି, ଡ. ରତିକାନ୍ତ ବରାଳ, ବିଶେଷ ଅତିଥି ଭାବେ ରାମଚନ୍ଦ୍ରପୁର ଥାନାର ଭାରପ୍ରାପ୍ତ ଅଧିକାରୀ ମନୋଜ କୁମାର ସଓ୍ୱାଇଁ, ବକ୍ତା ଭାବେ ହାଇ-ଟେକ ମେଡିକାଲ କଲେଜ ର ଉପାଧକ୍ଷ ଡା. ମନୋଜ କୁମାର ଦାଶ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନିଶାକର ରାଉତ, ଘଷିପୁରା ଅଗ୍ନିଶମ ଅଧିକାରୀ ରାଧୁ ଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତରହି ନିଜର ବକ୍ତବ୍ୟ ରଖିଥିଲେ । ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଓଡିଶା ମୁଖ୍ୟ ରବୀନ୍ଦ୍ରନାଥ ରାଉତରାୟ ସ୍ୱାସ୍ଥ୍ୟ ଶିବିର ଆୟୋଜନର ଆବଶ୍ୟକତା ପ୍ରସ୍ତୁତି ଓ ରୂପ ରେଖ ବିଷୟରେ ସୂଚନା ଦେଇଥିଲେ । ଆୟୋଜିତ ଏହି ଶିବିରରେ ହାଇଟେକ ମେଡିକାଲର ସମସ୍ତ ଡାକ୍ତର ଓ କର୍ମଚାରୀ ମାନଙ୍କ ବହୁମୂଲ୍ୟ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ବସନ୍ତ ମଞ୍ଜରୀ ଫାଉଣ୍ଡେସନର ସଭାପତି, ଡ. ରତିକାନ୍ତ ବରାଳ ଏବଂ ସମାଜସେବୀ ପ୍ରଭାତକୁମାର ବରାଳ ନିଜ ଅଞ୍ଚଳରେ ଏଭଳି ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ଶେଷରେ ହାଇଟେକ ମେଡିକାଲର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀ ଏବଂ ଶିବିର ପରିଚିଳନାରେ ସହଯୋଗ ଯୋଗାଇଥିବା ସହ ସ୍ଥାନୀୟ ସତ୍ୟସାଇ ସେବା ସଂଗଠନ,ଗାୟତ୍ରୀ ପରିବାର,ଶିଶୁ ମନ୍ଦିର ଗୁରୁଜୀ ଗୁରୁମା ଏବଂ ପ୍ରେସ ବନ୍ଧୁ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନ ଜ୍ଞାପନ କରାଯାଇଥିଲା ।

## ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଆୟୁଷ୍ମାନ ଜିଲ୍ଲାରେ ତୃତୀୟ

ନୀଳଗିରି,(ସବ୍ୟୁ): ଚଳିତ ଦଶମବୋର୍ଡ ପରୀକ୍ଷାରେ ନୀଳଗିରି ସରସ୍ୱତୀ ଶିଶୁମନ୍ଦିରର ୪ଜଣ ବିଦ୍ୟାର୍ଥୀ ଏ୧ଗ୍ରେଡରେ ଉତ୍ତୀର୍ଣ୍ଣହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବେଳେ ତନ୍ମଧ୍ୟରୁ ଔପଦା ବ୍ଲକ୍ ବାଉଁଶବଣିଆ ଗ୍ରାମର ମା ସୁଚେତା ରାହୁଲଙ୍କ ସୁପୁତ୍ର ଆୟୁଷ୍ମାନ ଦାସ ।।ସ ମୋଟ ୫୮୨ନଂ ରଖି ଜିଲ୍ଲାରେ ତୃତୀୟସ୍ଥାନ ଅଧିକାର କରିଛନ୍ତି । ମା ସୁଚେତା ଉକ୍ତ ଶିଶୁମନ୍ଦିରର ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ତେବେ ଆୟୁଷ୍ମାନବଡ଼ହୋଇ ଆଇଆଇଟି ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛନ୍ତି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆୟୁଷ୍ମନଙ୍କୁ ବିଦ୍ୟାଳୟ ପରିସରରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି ।

# ଏ-ୱାନରେ ଉତ୍ତୀର୍ଣ୍ଣ ସଂସ୍କୃତି ଜେନା

ଆଗରପଡ଼ା,(ସବ୍ୟୁ):ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀ ସଂସ୍କୃତି ଜେନା ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୪୦ସର୍ବୋଚ୍ଚ ନମ୍ବର ରଖି ଏ-ଓ୍ୱାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ସଫଳତା ପାଇଁ ପ୍ରଧାନଶିକ୍ଷକ ଚିତ୍ତରଂଜନ ମହାନ୍ତି,ବରିଷ୍ଠ ଶିକ୍ଷକ ଅଜିତ ରାଉଳ,ପରିଚାଳନା କମିଟି ସଭାପତି ବର୍ଷାରାଣୀ ମଲ୍ଲିକ,ସଭ୍ୟ ସାମ୍ବାଦିକ ଅକ୍ଷୟ ସିଂହ ପ୍ରମୁଖ ସଂସ୍କୃତିଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି । ସଂସ୍କୃତି ସ୍ଥାନୀୟ ରଇଁତିରା ଗ୍ରାମର ବିପିନ ବିହାରୀ ଜେନାଙ୍କ ଝିଅ ଅଟନ୍ତି ।

# ପାଣି ପାଇଁ ଗରା, ବାଲ୍‌ଟି ଧରି ରାସ୍ତାରୋକ

ନୀଳଗିରି ,(ସବ୍ୟୁ): ପାନୀୟ ଜଳ ପାଇଁ ଶନିବାର ଦିନ ଶତାଧିକ ମହିଳା ହାତରେ ଗରା, ବାଲଟି ଧରି ନୀଳଗିରି ମିତ୍ରପୁର ରାସ୍ତାକୁ ଅବରୋଧ କରିଛନ୍ତି ଫଳରେ ଯାତାୟତରେ ଅସୁବିଧା ଦେଖିବାକୁ ମିଳିଥିଲା । ନୀଳଗିରି ବ୍ଲକର ଧୋବଶିଳା ପଂଚାୟତର ଅନ୍ଧାରୁଆ ସାହିରେ ଆଜକୁ ଦୀର୍ଘ ଦିନ ଧରି ଦୁଇଟି ନଳ କୂପ ଅଚଳ ହୋଇ ପଡ଼ିଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ସଜାଡିବାରେ ନାଁ ଦର୍ଶନ ଧରୁ ନ ଥିବା ବେଳେ ଗ୍ରାମବାସୀ ମାନେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିବା ବେଳେ ଶେଷରେ ଧୋବଶିଳା ଛକରେ ସକାଳ ୯ଟାରୁ ରାସ୍ତା ଅବରୋଧ କରିଥିଲେ । ଖବର ପାଇ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଁଚି ଅବରୋଧ କରୀଙ୍କ ସହ ଆଲୋଚନା କରିଥିଲେ । ମାତ୍ର କିଛି ସମାଧାନର ବାଟ ବାହାରି ନଥିଲା । ଏହି ପରିସ୍ଥିତିରେ ପମ୍ପ ଡ୍ରାଇଭର ହାବୁଡ଼ରେ ପଡ଼ିଯାଇଥିଲେ । ଶହଶହ ମହିଳା କବଳରୁ ରକ୍ଷା ପାଇ ନଥିଲା ଡ୍ରାଇଭର ଜଣକ । ଦିନ ପ୍ରାୟ ୧୧ଟା ସମୟରେ ଗ୍ରାମୀଣ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ପ୍ରୀତିପ୍ରଭା ବାରିକ ଘଟଣା ସ୍ଥଳରେ ପହଁଚି ତୁରନ୍ତ ପମ୍ପ ଡ୍ରାଇଭରକୁ କହି ପାଣି ଚଳାଇଥିଲେ । ଅଚଳ ହୋଇ ପଡ଼ିଥିବା ଦୁଇଟି ନଳ କୂପ ତୁରନ୍ତ ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ।

